# ମଣ୍ଡିରେ ବିକିବେ ବେପାରୀ; ବଳି ପଡ଼ିବେ ଚାଷୀ

- ଜାରି ରହିଛି ଅଭାବୀ ଧାନ ବିକ୍ରି
- ଧାନ କ୍ଷେତମୁଣ୍ଡରେ ବେପାରୀ
- ଗାଁ ଗାଁରେ ସମାନ୍ତରାଳ ମଣ୍ଡି

କେନ୍ଦ୍ରାପଡ଼ା, ୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେ ବି ଜାରି ରହିଛି ଧାନ ବ୍ୟବସାୟୀଙ୍କ ଦବଦବା। ଗାଁ ଗାଁରେ ଅଘୋଷିତ ଧାନ ମଣ୍ଡି ଖୋଲି ବସ୍ତା ବସ୍ତା ଧାନ ଚାଷୀଙ୍କଠାରୁ କିଣି ସଞ୍ଚୟ କରି ରଖୁଛନ୍ତି ବେପାରୀ। ଧାନ ସଂଗ୍ରହରେ ଆହୁରି ସୁବିଧା ପାଇଁ ଚାଷୀଙ୍କ ନିକଟତର ହୋଇ ଧାନକ୍ଷେତ ମୁଣ୍ଡରେ ପହଞ୍ଚି ଧାନ କିଣି ଟ୍ରକ୍, ଟ୍ରାକ୍ଟର ଯୋଗେ ବୋହି ନେଉଛନ୍ତି। ଧାନ ମଣ୍ଡି ଖୋଲିଲେ ଅନ୍ୟମାନଙ୍କ ନାଁରେ ମଣ୍ଡିରେ ବିକ୍ରୀ କରିବେ। ଚାଷୀଙ୍କଠାରୁ ବିଲ ମୁଣ୍ଡରୁ ୧୬୦୦ ଟଙ୍କାରେ ବ୍ୟବସାୟୀ ଧାନ କିଣୁଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଦରଠାରୁ ଯଥେଷ୍ଟ କମ୍‌ରେ ଚାଷୀ ବାଧ ହୋଇ ବିକ୍ରି କରିଦେଉଛନ୍ତି। ସରକାର ଧାନ କ୍ରୟର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧୦୦ ରଖିଥିବା ବେଳେ ବେପାରୀମାନେ ମାତ୍ର ୧୬୦୦ ଟଙ୍କାରେ ଧାନ କ୍ରୟ କରୁଛନ୍ତି। ସେହି ଧାନକୁ ସରକାରୀ ମଣ୍ଡିରେ ପୂର୍ବରୁ ପଞ୍ଜୀକରଣ କରିଥିବା ନିଜ ଲୋକଙ୍କ ନାମରେ ସରକାରୀ ଧାର୍ଯ୍ୟ ଦରରେ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୧୧୮ ଗୋଟି ଧାନ ସଂଗ୍ରହ ମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନ କ୍ରୟ କରିବେ ବୋଲି ସରକାର ଯୋଜନା ରଖିଛନ୍ତି। ତଥାପି ଧାନ ବେପାରୀମାନେ ସକ୍ରିୟ ହୋଇ ଚାଷୀମାନଙ୍କଠାରୁ କ୍ଷେତ ମୁଣ୍ଡରୁ ଧାନ କ୍ରୟ କରିପାରୁଥିବାରୁ ଏଭଳି ଘଟଣାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସମ୍ପୃକ୍ତ ଥିବା ନେଇ ସାଧାରଣରେ ସନ୍ଦେହ ଜାତ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଜିଲ୍ଲାରେ ୧୦ ଲକ୍ଷ ୫୦ ହଜାର ଲୋକ ଚାଷ କରୁଛନ୍ତି। ଜିଲ୍ଲାରେ ଶତାଧିକ ବେପାରୀ ଚାଷୀଙ୍କ ନାମରେ ପଞ୍ଜିକରଣ କରାଇ ନିଜେ ଧାନ ବିକୁଥିବା ପ୍ରତିବର୍ଷ ଦେଖିବାକୁ ମିଳୁଛି। ୨୦୨୩ ବର୍ଷରେ ଏହିଭଳି ଦୁର୍ନୀତି କରିଥିବା ଅଭିଯୋଗରେ ଅନେକ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା। ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୨ ବର୍ଷରେ ୪୦୬୦୫ ଜଣ ଚାଷୀ ପଞ୍ଜିକରଣ କରିଥିଲେ। ୨୦୨୩ ବର୍ଷ ପାଇଁ ଜିଲ୍ଲାର ୪୩୬୯୬ ଜଣ ଚାଷୀ ଏବଂ ଚଳିତ ବର୍ଷ ୪୪୦୧୬ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ୧୧୮ ପ୍ୟାକ୍ସ ମାଧ୍ୟମରେ ଧାନ କିଣାଯିବ। କେନ୍ଦ୍ରାପଡ଼ାରେ ସର୍ବାଧିକ ଧାନ କିଣାରେ ଦୁର୍ନୀତି ହେବାର ନଜିର ରହିଛି। ତେବେ ପ୍ରକୃତ ଚାଷୀଙ୍କ ଧାନ ବଦଳରେ ବ୍ୟବସାୟୀଙ୍କ ଧାନ କିଣାଯାଏ। ଚାଷୀର ଧାନକୁ ଓଦା କୁହାଯାଇ ଅପେକ୍ଷା କରିବାକୁ କୁହାଯାଏ। ମଣ୍ଡି ଆଗରେ ଧାନ ରଖି ଚାଷୀ ଆଖିରୁ ନିଦ ହଜିଯାଏ। ସେପଟେ ଯୋଗାଣ ବିଭାଗ ହରିଲୁଟ୍ କରିବାକୁ ଟାର୍ଗେଟ ନଥିବା କହି ଚାଷୀଙ୍କୁ ମାସ ମାସ ଅପେକ୍ଷା କରାଇଥାଏ। ଯଦି ଜିଲ୍ଲା ଯୋଗାଣ ବିଭାଗ ଧାନ କିଣିବାର ବ୍ୟବସ୍ଥା କରିଛି ତେବେ କେନ୍ଦ୍ରାପଡ଼ାରେ ହଜାର ହଜାର ସଂଖ୍ୟକ ଚାଷୀ ଧାନ ବିକ୍ରି କରିବାରୁ କାହିଁକି ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏବେଠାରୁ ବିଲ ମୁଣ୍ଡରୁ ଚାଷୀଙ୍କ ଧାନ ବେପାରୀ କାହିଁକି ନେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେପାରୀ ଚାଷୀଙ୍କ ସମସ୍ୟାର ଫାଇଦା ନେଉଥିବା ମତପ୍ରକାଶ ପାଇଛି। ଚଳିତ ବର୍ଷ କୃଷକମାନେ ପ୍ରାୟ ୬୦ ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ କରିବେ ବୋଲି ଅନୁମାନ କରାଯାଏ। ସେପଟେ ଧାନ କିଣିବାକୁ ଜିଲ୍ଲାର ଅନେକ ସମବାୟ ସମ୍ପାଦକମାନେ ଚାଷୀଙ୍କ ଟୋକନରେ ବେପାରୀଙ୍କ ଧାନକୁ ବିକ୍ରି କରି କ୍ୱିଣ୍ଟାଲ ପିଛା ୧୬ ଶହ ଟଙ୍କା ଖର୍ଚ୍ଚ ଦେଇ ସବୁ ଟଙ୍କା ଉଠାଇ ନେଉଛନ୍ତି ବୋଲି ଅଭିଯୋଗ ହେଉଛି। ବେପାରୀ ଆଉ ସମ୍ପାଦକଙ୍କ ସଲାସୁତ୍ରରେ ଧାନ କିଣାରେ କେନ୍ଦ୍ରାପଡ଼ାରେ ଅଧିକ ଦୁର୍ନୀତି ହେବାକୁ ବସିଛି। ଏହି ଦୁର୍ନୀତିର ଚେର ଏତେ ଲମ୍ବା ଯେ ଅନେକ କ୍ଷମତାଧାରୀ ଲୋକଙ୍କ ଛତ୍ରଛାୟାରେ ଅଧିକାଂଶ ସମ୍ପାଦକ ଧାନ କିଣାରେ ଦୁର୍ନୀତି କରି କୋଟି କୋଟି ଟଙ୍କା ଘୋଟଲା କରି ଆସୁଛନ୍ତି। ଘୋଟଲା କରିବାକୁ ଚାଷୀଙ୍କଠାରୁ ପୂର୍ବରୁ ଚେକ୍‌ବୁକ ଦସ୍ତଖତ କରାଇ ନେଇଯାଉଛନ୍ତି। ସେହି ଚେକ୍‌ବୁକ ମାଧ୍ୟମରେ ଟଙ୍କା ଉଠାଇ ନେଇଯାନ୍ତି। ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। ଆଉ ଚେକ ମାଧ୍ୟମରେ ଉଠିଯାଉଛି। ଅନ୍ୟପଟେ ସମବାୟ ସମିତି ସମ୍ପାଦକମାନଙ୍କ ପ୍ରିୟାପ୍ରୀତି କରି ନିଜ ଲୋକମାନଙ୍କର ଧାନ ପ୍ରଥମେ ଉଠାଇ ସରକାରଙ୍କୁ ବିକ୍ରି କର ଦେଉଛନ୍ତି। ସରକାରୀ ହିସାବରେ ଯେଉଁମାନେ ବିକ୍ରୀ କରିବେ ସେଥିରୁ ଅଧିକାଂଶ ବେପାରୀ ବୋଲି ଅଭିଯୋଗ ହେଉଛି। ଯୋଗାଣ ବିଭାଗଠାରୁ ଆରମ୍ଭ କରି ସମ୍ପାଦକମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ଏହିଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହି ଦୁର୍ନୀତି ବିରୋଧରେ ଏବେଠାରୁ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ପୁଣି ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ବୋଲି ମତ ପ୍ରକାଶ ପାଇଛି।

## ଗହୀରମଥାରୁ ଟ୍ରଲର ଜବତ: ୭ ମତ୍ସ୍ୟଜୀବୀ ଗିରଫ



ରାଜନଗର, ୧୦।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବରୁଣେଇ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗ ପାଟ୍ରୋଲିଂ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ଦେଉଥିବା ସମୟରେ ଏହି ଟ୍ରଲରଟିକୁ ଜବତ କରିଥିଲେ। ଜବତ ଟ୍ରଲରର ନାମ ସାଇଶଙ୍କର। ବେଆଇନ ଭାବେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କ ମଧ୍ୟରେ ଗୋବିନ୍ଦ ମଣ୍ଡଳ, ରଞ୍ଜିତ ମଣ୍ଡଳ, ଅତୁଳ ମଣ୍ଡଳ, ସପନ ସାମଲ, ଗୁରୁପଦ ମାଇତି, କାହ୍ନୁ ମାଇତି ଏବଂ ପିଙ୍କୁ ମଣ୍ଡଳଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧ ଗିରଫ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ଜିପିଏସ ୧ଟା, ଫିସଫାଇଣ୍ଡର ୧, ଭିଏଚଏଫ ୧ଟା, ଟ୍ରଲିଂ ନେଟ ୬ଟି ଏବଂ ୪ କ୍ୱିଣ୍ଟାଲ ସାମୁଦ୍ରିକ ମାଛ ଜବତ କରାଯାଇଥିବା ବନବିଭାଗ ତରଫରୁ ପ୍ରକାଶ।

## ବିଭିନ୍ନ ସ୍ଥାନରେ କୁରାଳ ପଞ୍ଚମୀ ଉତ୍ସବ



ଡେରାବିଶ, ୧୦।୧୨(ସମିସ): କୁମ୍ଭକାରମାନଙ୍କ ଆରାଧ୍ୟ ଦେବତା ପ୍ରଭୁ ରୁଦ୍ରପାଳ, ମାତା ରତ୍ନେଶ୍ୱରୀଙ୍କ ପୂଜା ତଥା କୁରାଳ ପଞ୍ଚମୀ ତିଥିରେ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ କୁମ୍ଭକାର ସାହିରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କୁମ୍ଭକାରମାନଙ୍କ ପକ୍ଷରୁ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତର ହରିଅଙ୍କ, ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଓ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯିବା ସହିତ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯାଉଛି। ଏହି ଉପଲକ୍ଷେ ପ୍ରତ୍ୟେହ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଭଜନ ସମାରୋହ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଛି।

## ଆଜି ଜିଲ୍ଲାସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ

କେନ୍ଦ୍ରାପଡ଼ା, ୧୦।୧୨(ସମିସ): ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ -୨୦୨୪ ଅନୁଷ୍ଠିତ ହେବ। ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଜିଲ୍ଲାର ସମସ୍ତ ବ୍ଲକର ଶ୍ରେଷ୍ଠ ବିବେଚିତ ପ୍ରୋଜେକ୍ଟ ଗୁଡ଼ିକ ପ୍ରଦର୍ଶନ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍କୁଲ ଓ ନିକଟବର୍ତ୍ତୀ ସ୍କୁଲର ପାଖାପାଖି ୫୦୦ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀରେ ଉପସ୍ଥିତ ହେବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ମାନବ ଅଧିକାର ଦିବସ ପାଳିତ



ପଟ୍ଟାମୁଣ୍ଡାଇ, ୧୦।୧୨(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବରିଷ୍ଠ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧକ୍ଷା ସୁଶ୍ରୀସଙ୍ଗୀତା ମଲ୍ଲିକଙ୍କ ପୌରୋହିତ୍ୟ ଓ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ କୋଷାଧକ୍ଷ ତଥା ପ୍ୟାନେଲ ଲୟାର ବରିଷ୍ଠ ଓକିଲ ଧୀରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସିଭିଲ ବିଚାରପତି ତଥା ଜେଏମଏଫସି.ବିଦ୍ୟୁତଲତା ପ୍ରଧାନ, ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ସଭାପତି ବରିଷ୍ଠ ଓକିଲ ତପନ କୁମାର ମିଶ୍ର, ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ପଟ୍ଟାମୁଣ୍ଡାଇ ଓକିଲ ସଂଘର ସମ୍ପାଦକ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ଦାଶ, ଓକିଲ ବିଜୟ କୁମାର ରାଉତ, ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ବରିଷ୍ଠ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମାନବ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତାଲୁକ ସେବା ସମିତି ଅଧକ୍ଷା ସୁଶ୍ରୀ ସଙ୍ଗୀତା ମଲ୍ଲିକ ଉପସ୍ଥିତ କଲେଜ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାମାଣିକ ଓ ତଥ୍ୟ ଭିତ୍ତିକ ଭିଡିଓ ମାଧ୍ୟମରେ ମାନବ ଅଧିକାରର ବିଭିନ୍ନ ଦିଗ ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇବା ସହିତ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଭିଲ କୋର୍ଟର ଲିଗାଲ ଏଡ଼ ର ସମସ୍ତ କର୍ମକର୍ତା ଅପର୍ଣା ସାମଲ, ମୋହନ ଦାଶଙ୍କ ସମେତ ସିଭିଲ କୋର୍ଟର ସମସ୍ତ କର୍ମକର୍ତ୍ତା, ସମସ୍ତ ପିଏଲଭି ସଭ୍ୟ ଓ ସଭ୍ୟା ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ଓକିଲ ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା



ରାଜନଗର, ୧୦।୧୨ (ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ପଟ୍ଟାପାରିଆ ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଗ୍ରାମର ବାନାମ୍ବର ଦଳାଇଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତାଙ୍କର ୩ ବଖରା ଘର ପୋଡିଯିବା ସହିତ ଆସବାବପତ୍ର, ଧାନ, ଚାଉଳ, ଗହଣା ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପିନ୍ଧାଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇ ପାରିନାହାନ୍ତି। ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବାରୁ ନିଆଁକୁ ଆୟତ କରିବା ଲୋକଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

## ବେଲପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଆଜି

ରାଜନଗର, ୧୦।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ଅବସ୍ଥା ଭୋଟ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ଅନାସ୍ଥା ଭୋଟ ସମୟରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମାଜିଷ୍ଟ୍ରେଟ ଭାବେ ଏବଂ ରାଜନଗର ତହସିଲଦାର ଅଜୟକୁମାର ମହାନ୍ତି ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ ବୋଲି ରାଜନଗର ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୩ମାସ ଧରି ରାଜନୈତିକ କଷରତ ଓ ୩ ମାସର ଟଣାଓଟରା ପରେ ବେଲପାଳ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ଅନୁଷ୍ଠିତ ହେବାକୁ ଯାଉଛି।

## ମୂର୍ତ୍ତି କାରିଗର ଧ୍ରୁବଙ୍କ ଚକ୍ଷୁଦାନ କଲେ ପରିବାର



ଡେରାବିଶ, ୧୦।୧୨(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଗ୍ରାମର ବିଖ୍ୟାତ ମୂର୍ତ୍ତି କାରିଗର ଧ୍ରୁବ ଚରଣ ବେହେରା (୮୩)ଙ୍କ ପରଲୋକ ହୋଇଯାଇଛି। ତେବେ ଧ୍ରୁବଙ୍କ ଶେଷ ଇଚ୍ଛା ଅନୁଯାୟୀ ତାଙ୍କ ପରିବାର ବର୍ଗ ତାଙ୍କର ଦୁଇଟି ଚକ୍ଷୁକୁ ଦାନ କରିଛନ୍ତି। ସ୍ୱର୍ଗତ ବେହେରା ପିଲାବେଳୁ ମାଟିରେ ଗଣେଶ, ସ୍ୱରସ୍ୱତୀ, ଭାଲୁକୁଣି ଆଦି ବିଭିନ୍ନ ଦେବାଦେବୀଙ୍କ ସୁନ୍ଦର ମୂର୍ତ୍ତି ଗଢୁଥିଲେ। ପରେ ଏହି କଳାପ୍ରତି ନିଜକୁ ସମର୍ପିତ କରି ବିଭିନ୍ନ ଫଳ ଆକୃତିର କୁମ୍ଭି, ମଣିଷମାନଙ୍କର ପ୍ରତିମୂର୍ତ୍ତି ଅବିକଳଭାବେ ମାଟି ଏବଂ ସିମେଣ୍ଟରେ ନିର୍ମାଣ କରି ନିଜକୁ ଜଣେ ପ୍ରତିଷ୍ଠିତ ମୂର୍ତ୍ତିକାର ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଏଥିସହିତ ସେ ରଙ୍ଗତୂଳିରେ କାନଭାସରେ ମଧ୍ୟ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଅଙ୍କନ କରୁଥିଲେ। ବିଶେଷ କରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ସମେତ ଦିଲ୍ଲୀ, ପଞ୍ଜାବ, ବାଙ୍ଗାଲୋର, ଭେଲୋର, ଟାଟା, ରାଞ୍ଚି, ମାନ୍ଦ୍ରାଜ, ଲୁଧିଆନା ଓ ମୁମ୍ବାଇ ପ୍ରଭୃତି ଆଶ୍ରମରେ ମ୍ୟୁଜିୟମ ପ୍ରସ୍ତୁତିରେ ଭାରତର ମହାମହିମ ରାଷ୍ଟ୍ରପତି ଓ ବିଭିନ୍ନ ରାଜ୍ୟର ରାଜ୍ୟପାଳଙ୍କଠାରୁ ପ୍ରଶଂସାପତ୍ର ପ୍ରାପ୍ତ ହୋଇଥିଲେ। ମୃତ୍ୟୁର ପୂର୍ବଦିନ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଧରଣୀଧର ମୁଖାଗ୍ନି ଦେଇଥିଲେ।

### ହରିଅଙ୍କରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ

## ଗୁପ୍ତିକୁ ହରାଇ ସେମିଫାଇନାଲ୍‌ରେ କ୍ରିଷ୍ଟାନନ୍ଦପୁର



ଡେରାବିଶ, ୧୦।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର ୨୪ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆଜି ଗୁପ୍ତି ଟିମ୍ କ୍ରିଷ୍ଟାନନ୍ଦପୁର ଟିମ୍‌କୁ ଭେଟିଥିଲେ। ଆଜିର ମ୍ୟାଚ୍‌ରେ କ୍ରିଷ୍ଟାନନ୍ଦପୁର ଟିମ୍ ଗୁପ୍ତି ଟିମ୍‌କୁ ୨-୧ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନିତ ହୋଇଛନ୍ତି। ଖେଳର ପ୍ରଥମାର୍ଦ୍ଧର ଶେଷ ମୁହୂର୍ତରେ କ୍ରିଷ୍ଟାନନ୍ଦପୁର ଟିମ୍ ଗୁପ୍ତି ଟିମ୍‌କୁ ଗୋଟିଏ ଗୋଲ ଦେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ଗୁପ୍ତି ଟିମ୍ ଖୁବ୍ ଭଲ ଖେଳ ପ୍ରଦର୍ଶନ କରି କ୍ରିଷ୍ଟାନନ୍ଦପୁରକୁ ଗୋଟିଏ ଗୋଲ ଦେଇ ସ୍ଥିତି ବରାବରକୁ ଆଣିଥିଲେ। ଉଭୟ ଦଳ ଶେଷ ପର୍ଯ୍ୟନ୍ତ ବେଶ୍ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ଶେଷ ମୁହୂର୍ତ୍ତରେ କ୍ରିଷ୍ଟାନନ୍ଦପୁର ଟିମ୍ ଗୁପ୍ତିଟିମ୍‌କୁ ଆଉ ଗୋଟିଏ ଗୋଲ ଦେଇ ୨-୧ରେ ବିଜୟ ହାସଲ କରି ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଖେଳ ଶେଷରେ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା କ୍ରିଷ୍ଟାନନ୍ଦପୁର ଟିମର ୬ ନଂ ଖେଳାଳୀଙ୍କୁ ଆସୋସିଏସନ୍‌ର ଉପସଭାପତି ବାବୁଲି ସ୍ୱାଇଁ ମାରୁ ଇଲେକ୍ଟ୍ରିକାଲ୍ସ ସୌଜନ୍ୟରୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ, ଚାନ୍ଦୋଳ ଫାଣ୍ଡି ଏଏସ୍‌ଆଇ ସୁନିଲ ସେଠୀ, ଗୋଲଖ ସ୍ୱାଇଁ, ବିଜୟ ପରିଡ଼ା ଓ ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, କାଳନ୍ଦି ମଲିକ, ରାମଚନ୍ଦ୍ର ସେଠୀ, ଦିଲ୍ଲିପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା ଓ ଅଞ୍ଜନ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାରେ ଦୁର୍ନୀତି ଅଭିଯୋଗ

## ବ୍ଲକ କଂଗ୍ରେସ କମିଟିର ଗଣଧାରଣା




ଆଳି, ୧୦।୧୨(ସମିସ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ଆଳି ମୁଖ୍ୟ ଶାଖାରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଋଣ ଦେବାରେ ପାତରଅନ୍ତର ବିରୋଧରେ ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଆଳି ବ୍ଲକ କଂଗ୍ରେସର ସଭାପତି ରବିନାରାୟଣ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଗଣଧାରଣାରେ ପୂର୍ବତନ ଆଳି କଂଗ୍ରେସ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କ ସମେତ ବିଭିନ୍ନ ଛାମୁଆଁ ସଂଗଠକ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ନିଯୁକ୍ତି ଥିବା ସୋସାଇଟି କର୍ମଚାରୀ ଓ ବ୍ୟାଙ୍କ କର୍ମଚାରୀଙ୍କର ମଧୁଚନ୍ଦ୍ରିକା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ୨୦୨୦-୨୧ ମସିହାରେ ଏହି ଶାଖାରେ ୨୬୦ କୋଟି ୮୦ ଲକ୍ଷ ଇନ୍‌ସ୍ୟୁରାନ୍ସ ଟଙ୍କା ହଡ଼ପ ହେବା, ଲୋକଙ୍କୁ ଦିଆଯାଇଥିବା ୧୧୦୦ଟି ବଳିଆ ଯୋଜନା ଫାଇଲରୁ ୪୦୦ ଫାଇଲ ନ ମିଳିବା ଘଟଣା ସମ୍ପର୍କରେ ଧାରଣାରତ ଚାଷୀଙ୍କୁ ଅବଗତ କରିଥିଲେ। ଖରିଫ ଋଣ ଦେବାରେ ପାତରଅନ୍ତର ସହିତ ରବି ଋତୁରେ ଧାନକିଣା ଓ ବିକାରେ ବଡ଼ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆଳି କଂଗ୍ରେସ ଦଳ ଆନ୍ଦୋଳନକୁ ତୀବ୍ର କରିଛି। ଦୁର୍ନୀତି ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଦଳ ଅଭିଯୋଗ କରିଛି। ଆଗାମୀ ସାତ ଦିନ ମଧ୍ୟରେ ଚାଷୀମାନଙ୍କ ସମସ୍ତ ଦାବି ପୂରଣ ନ ହେଲେ, ଆଳି ସମବାୟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବା ସହିତ ବ୍ୟାଙ୍କ ସେବାକୁ ଅଚଳ କରିଦେବାକୁ ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ଓ ଏହା ଅଧୀନରେ ଥିବା ସେବା ସମବାୟ ସମିତି ଗୁଡ଼ିକରେ ନୂତନ ନିଯୁକ୍ତି, ଋଣ ପ୍ରଦାନ, ଚାଷୀଙ୍କ ବ୍ୟାଙ୍କ ଖାତାକୁ ଚାଷୀଙ୍କୁ ନଦେଇ ମନ ଇଚ୍ଛା ଋଣ ଉଠାଣ ଆଦି ଗୁରୁତର ଅଭିଯୋଗ ପରେ ଚାଷୀମାନଙ୍କୁ ଲୁଟ କରିଥିବା କର୍ମଚାରୀମାନଙ୍କୁ ଟ୍ରାନ୍ସଫର କରିଦେଇ ଉଚ୍ଚ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। କୋଟି କୋଟି ଟଙ୍କାର ହଡ଼ପର କ୍ରାଇମବ୍ରାଞ୍ଚ ତଦନ୍ତ ଆଦେଶ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ରାଜକନିକାକୁ ଏନ୍‌ଏସିରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା କ୍ରିୟାନୁଷ୍ଠାନ କମିଟି



ରାଜକନିକା, ୧୦।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଐତିହାସିକ ଭିତ୍ତିଭୂମି ଭାବରେ ପରିଚିତ କନିକାକୁ ଏନ୍‌ଏସିର ମାନ୍ୟତା ଦେବା ପାଇଁ ରାଜକନିକା ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସାମ୍ବାଦିକ ସୁକାନ୍ତ ଦାଶ ଓ ଶରତ ଜେନା ଅଞ୍ଚଳବାସୀଙ୍କ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏନ୍‌ଏସି ମାନ୍ୟତା ପାଇଁ ଆବଶ୍ୟକୀୟ ହେଉଥିବା ସମସ୍ତ ତଥ୍ୟଭିତ୍ତିକ ଆଲୋଚନା ହୋଇଛି। ଏହି ମାନ୍ୟତା ପ୍ରାପ୍ତି ପାଇଁ ରାଜକନିକାକୁ ବିଚାରକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ରାଜାରାଜୁଡା ଅମଳରୁ ରାଜକନିକା ଏକ ଗ୍ରାମୀଣ ସହର ଭାବରେ ପରିଚିତ। ପ୍ରାୟ ଦୁଇ ଶହ ବର୍ଷ ତଳର ଏହି ଗ୍ରାମୀଣ ସହର ୧୯୮୦ ମସିହାରେ ସହରାଞ୍ଚଳର ବିଧି ବ୍ୟବସ୍ଥାକୁ ଆପଣେଇ ଥିବା ବେଳେ ଏହି ଅଞ୍ଚଳର ରାଜସ୍ୱ ଭିତିଭୂମିର ମଧ୍ୟ ବିକାଶ ପାଇଁ ପରିଯୋଜନାବଦ୍ଧ ହୋଇଛି। ତେବେ ଗ୍ରାମୀଣ ସହରର ବିବିଧ ଆବଶ୍ୟକତା ପୂରଣ କରୁଥିବା ରାଜକନିକା ଅଞ୍ଚଳକୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉତ୍ସାହକୁ ବୁଝି କ୍ରିୟାନୁଷ୍ଠାନ କମିଟି ସଚେତନତା ସୃଷ୍ଟି କରିଛି। ପ୍ରଶାସନିକ ସ୍ତରରେ ରାଜକନିକା ସଦରର ବହୁ ପଞ୍ଚାୟତକୁ ନେଇ ଏନଏସି ଗଠନ ହେବାର ପ୍ରକ୍ରିୟା ଆରମ୍ଭ ହେବାର ପ୍ରସ୍ତାବ ଆଜି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଦୀର୍ଘ ୧୫ ମିନିଟର ଆଲୋଚନା ପରେ ତଥ୍ୟଭିତ୍ତିକ ଦାବିପତ୍ର ପ୍ରଦାନ ହୋଇଛି। ସରକାରଙ୍କ ସମୟରେ ଗତ ଫେବୃଆରୀ ମାସରେ ୫୭ଟି ନୂଆ ଏନ୍‌ଏସି ଗଠନ କରିବାର ଘୋଷଣା ପରେ ଆଳି ଓ ରାଜକନିକା ବ୍ଲକରେ ନୈରାଶ୍ୟ ସୃଷ୍ଟି କରିଥିଲା। ଗତ ନଭେମ୍ବର ମାସ ୫ ତାରିଖରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂଆ ଏନଏସି ଗଠନ ପାଇଁ ରାଜ୍ୟର ଜିଲ୍ଲାପାଳମାନଙ୍କ ଠାରୁ ଏ ସମ୍ପର୍କିତ ରିପୋର୍ଟ ଦେବାକୁ ଚିଠି କରାଯିବା ପରେ ଦୀର୍ଘ ଦିନରୁ ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ରଖିଥିବା ରାଜକନିକା ବ୍ଲକରେ ଏଥିନେଇ ଆନନ୍ଦ ପ୍ରକାଶ ପାଇଛି। ରାଜକନିକା ବ୍ଲକର ସଦର କଣ୍ଟପଡ଼ା, ଭାରିଗଦା ବାଘବୁଦା, ଜାଗୁଳାଇପଡ଼ା, ତରାସ, ବଳରାମପୁର ଓ ଓଳାଉର ପଞ୍ଚାୟତର ଜନ ସଂଖ୍ୟା ଓ ଭୋଟରଙ୍କ ସଂଖ୍ୟା ନିର୍ଦ୍ଧାରଣ ମାନଦଣ୍ଡ ଠାରୁ ଢେର ଅଧିକ ରହିଛି। ପୁନଶ୍ଚ ଏହି ସବୁ ପଞ୍ଚାୟତ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ସହ ସାମିଲ ଥିବାରୁ ନଗରୀକରଣ ନେଇ ବେଶ ସୁଯୋଗ ସୃଷ୍ଟି ହୋଇଛି। ରାଜରାଜୁଡା ଶାସନ ଅମଳରୁ ରାଜକନିକା ସଦରର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ନଗର ସ୍ଥାପନର ମୌଳିକ ଢାଞ୍ଚା ବେଶ ବ୍ୟବସ୍ଥିତ ହୋଇ ସାମ୍ପ୍ରତିକ ନଗରୀକରଣର ସମସ୍ତ ମାନ୍ୟତାକୁ ଉତ୍ସାହିତ କରୁଥିବାରୁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଉଭୟ ବ୍ଲକରେ ଖୁସି ଖେଳାଇ ଦେଇଛି। ଆଳି ଓ ରାଜକନିକା ବ୍ଲକରେ ଏନଏସି ଗଠନ ସମ୍ପର୍କରେ କଟକ ଭୁବନେଶ୍ୱରରେ ରହି ନିଜ ଅଞ୍ଚଳ ପ୍ରତି ସମ୍ବେଦନ ହେଉଥିବା ଆଳି କନିକା ଉନ୍ନୟନ ପରିଷଦ ପକ୍ଷରୁ ଉଭୟ ବ୍ଲକର ଏନଏସି ଗଠନ ପାଇଁ ଜନ ସଚେତନତା ସୃଷ୍ଟି କରିଚାଲିଛି।



■ ଛେଳି ଫାର୍ମ ନାମରେ କୋଟି କୋଟି ଟଙ୍କା ଚଳୁ

# ଛେଳି ମରିଗଲେ କହି ଖସିଯିବାକୁ ଉଦ୍ୟମ

ଢେଙ୍କାନାଳ, ୧୦।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ପ୍ରାଣୀ ସମ୍ପଦ ବିଭାଗରେ ଛେଳି ପାଳନ ନାମରେ ମହାଘୋଟାଲା ଏବେ ଲୋକଲୋଚନକୁ ଆସିଛି। କୌଣସି କାଗଜପତ୍ର ନ ଥାଇ ଛେଳି ପାଳନ ନାମରେ କୋଟିକୋଟି ଟଙ୍କା ହଡ଼ପ ହୋଇଥିବାର ସୂଚନା ଅଧିକାରୀ ଆଇନ ତଥ୍ୟରୁ ଜଣାପଡ଼ିଛି। ୨୦୧୩-୧୪ରେ ସରକାରଙ୍କ ତରଫରୁ ଓଡ଼ିଶା ଏଗ୍ରିକଲଚର ଗୋଏଟ୍ରି ଫାର୍ମ ଯୋଜନାରେ ଚାଷୀମାନଙ୍କୁ ଚିହ୍ନଟ କରି ଛେଳିପାଳନ ପାଇଁ ସବସିଡି ଋଣ ତଥା ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ୨୦୧୪-୧୫ରୁ ୨୦୧୭ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥିଲା। ଛେଳି ଫାର୍ମ ନାମରେ ଘୋଟାଲାକୁ ନେଇ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିର ପ୍ରିୟବ୍ରତ ସାହୁ ସୂଚନା ଅଧିକାର ଆଇନରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ତଥ୍ୟ

■ ମିଳୁନାହିଁ କୌଣସି ଦସ୍ତାବିଜ
■ ଛେଳି ନାହାନ୍ତି, ଚାଲିଛି କୁକୁଡ଼ା ଫାର୍ମ

ମାଗିବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଛି। ସୂଚନା ଅନୁସାରେ ଚାଷୀ ଏବଂ ସରକାରଙ୍କ ମଧ୍ୟରେ କୌଣସି ରାଜିନାମାର ଦସ୍ତାବିଜ, ସରପଞ୍ଚଙ୍କଠାରୁ ଏନଓସି ସହ ବହୁତ ତଥ୍ୟ ପ୍ରଦାନ କରାଯାଇନାହିଁ। ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପରିଣତ କରାଯାଇଥିବା ବେଳେ ୧୧ ହିତାଧିକାରୀ ତଞ୍ଚକତା କରି ଋଣନେବା ପରେ ଏପିକଲଠାରୁ ୨ କୋଟି ୧୬ ଲକ୍ଷ ୫୦ ହଜାର ୪୧୦ ଟଙ୍କା ଋଣ ନେଇଥିଲେ। ୯୪ଲକ୍ଷ ୬୪ ହଜାର ୧୬ଟଙ୍କା ସବସିଡି ରାଶି ମଧ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ଛେଳି ପାଳନ ତ ଦୂର କଥା ସେଠାରେ କୌଣସି ଛେଳିପାଳନର ଚିହ୍ନବର୍ଣ୍ଣ ନାହିଁ ବରଂ ଛେଳି ମରିଗଲେ କହି ଉଭୟ ବିଭାଗୀୟ ଅଧିକାରୀ ଏବଂ ଚାଷୀ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଉଛି।

# ଅନନ୍ତପୁରରେ ବ୍ୟାପିଛି କାମଳ ରୋଗ

ଭୁବନ, ୧୦।୧୨(ସମିସ): ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ଅନନ୍ତପୁର ଗ୍ରାମରେ ବ୍ୟାପିଛି କାମଳ ରୋଗ। ଏହି ରୋଗରେ ଆକ୍ରାନ୍ତ ହୋଇ ପ୍ରଶାନ୍ତ ସେଠୀଙ୍କ ଝିଅ ସମୀକ୍ଷା ପ୍ରିୟଦର୍ଶିନୀ (୬), ଭ୍ରମର ଦାସଙ୍କ ପୁଅ ବାପି ଦାସ (୧୬), ଅମର ଦାସଙ୍କ ପୁଅ ଅମିତ୍ (୧୫), ଦୁଆରି ଲେଙ୍କାଙ୍କ ପୁଅ ଆନୀ ଲେଙ୍କା (୧୦), ରମାକାନ୍ତ ରାଉତଙ୍କ ପୁଅ ହାପି ରାଉତ (୩) ଚିକିତ୍ସିତ ହୋଇ ଫେରିଛନ୍ତି। ରମା ଦାସଙ୍କ ପୁଅ ବାଦଲ ଦାସ (୧୭) ଏବେ ବି କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଥିବା ଖୋଲା କୂଅର ପାଣି ହିଁ ଏହି ରୋଗର କାରଣ ହୋଇଥାଇ ପାରେ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଗ୍ରାମର ଆହୁରି ଅନେକ ଶିଶୁ, କିଶୋର କିଶୋରୀ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସପ୍ତାହକ ମଧ୍ୟରେ ୧୦ରୁ ବ୍ୟକ୍ତି ଆକ୍ରାନ୍ତ ହୋଇଥିବାରୁ ଗାଁରେ ଆତଙ୍କ ଖେଳିଯାଇଛି। ସମାଜର ତଳ ସ୍ତରରେ ବସବାସ କରୁଥିବା ମହ୍ଲାର ଶ୍ରେଣୀର ଲୋକ ଔଷଧ ଅପେକ୍ଷା ଜଡ଼ିବୁଟିକୁ ବେଶୀ ଭରସା କରୁଛନ୍ତି। ଏଥିପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

● ମଠସାହି କୂଅ ବିଶୋଧନ

# ରାତିଅଧରେ ବିଧବାଙ୍କ ଘରେ ପଶି ସମବାୟ ସମିତି ସମ୍ପାଦକ ହଟହଟା

ଅନୁଗୋଳ, ୧୦।୧୨(ସମିସ): ରାତିଅଧରେ ଜଣେ ବିଧବା ମହିଳାଙ୍କ ଘରେ ପଶି ହଟହଟା ହୋଇଛନ୍ତି ସେବା ସମବାୟ ସମିତିର ସମ୍ପାଦକ। ଅନୁଗୋଳ ଜିଲ୍ଲା ବନ୍ତଳା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ସୋମବାର ରାତିରେ ସେବା ସମବାୟ ସମିତି ସମ୍ପାଦକ ବନ୍ତଳା ଅଞ୍ଚଳର ଜଣେ ବିଧବା ମହିଳାଙ୍କ ଘରକୁ ଯାଇଥିଲେ। ମହିଳାଙ୍କ ସହ ତାଙ୍କର ଅନୈତିକ ସମ୍ପର୍କ ଥିବା କୁହାଯାଉଛି। ତେବେ ପୂର୍ବରୁ ସେ ଏମିତି ବହୁବାର ଆସନ୍ତି ଆଉ ନିଜ ସୁବିଧାରେ ଚାଲିଯାଆନ୍ତି। କିନ୍ତୁ ସୋମବାର ସେ ପରିବାର ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ବାହାର ପଟରୁ କବାଟ ବନ୍ଦ କରିଦେଇଥିଲେ। ଖବର ପାଇ ସ୍ଥାନୀୟ ଭଦ୍ରବ୍ୟକ୍ତି, ଧୋକୁଟା ସରପଞ୍ଚ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ତେବେ ଘଟଣା ବିଷୟରେ ପରିବାର ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇ ନ ଥିବା ଜଣାପଡ଼ିଛି।

# ଡ୍ରେନ୍‌ରେ ପଡ଼ି ଯୁବକ ମୃତ

ତାଳଚେରସଦର, ୧୦।୧୨(ସମିସ): ତାଳଚେର ପୌରପରିଷଦ ଜେଲ୍ ରୋଡ୍ ୧୦ ନମ୍ବର ୱାର୍ଡରେ ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶେଖ ଯାନି (୪୨)। ଯୁବକ ଜଣକ ସେହି ରାସ୍ତାଦେଇ ଯାଉଥିବା ବେଳେ କୌଣସି କାରଣରୁ ଡ୍ରେନ୍‌ରେ ଖସିପଡ଼ିଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନା ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଡ୍ରେନଗୁଡ଼ିକ ଖୋଲାମେଲା ରହିଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଟିକରପଡ଼ା ପଞ୍ଚାୟତବାସୀଙ୍କ ବେଆଇନ୍ ବିସ୍ଥାପନକୁ ଦୃଢ଼ ବିରୋଧ

# ବନ ବିଭାଗକୁ ଅସହଯୋଗ କରାଯିବାକୁ ନିଷ୍ପତ୍ତି

ଅନୁଗୋଳ, ୧୦।୧୨(ସମିସ)



ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଆଳରେ ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଅଞ୍ଚଳରୁ ସ୍ଥାନୀୟ ବନ ବିଭାଗ ଗୋଟିଏ ପରେ ଗୋଟିଏ ଗ୍ରାମକୁ ବିସ୍ଥାପନ କରି ଚାଲିଛି। ଗତ ୨ ବର୍ଷ ମଧ୍ୟରେ କଟରଙ୍ଗ, ଟୁଲୁକା, ଅଶନବାହଳ ଓ ଭୂର୍କୁଣ୍ଡି ଗ୍ରାମକୁ ବିଭାଜନ ନୀତିରେ ବିସ୍ଥାପନ କରିବାରେ ବନ ବିଭାଗ ସଫଳ ହୋଇଛି। ସରକାରୀ ଆଇନ୍ ଓ ନିୟମାବଳୀକୁ ଉପେକ୍ଷା କରି ତରବରିଆ ଭାବେ ଖୁବ କମ୍ ମୂଲ୍ୟ ପ୍ରଦାନ କରି ପ୍ରାୟ ୭ ଶହ ପରିବାରକୁ ବାସଚ୍ୟୁତ କରାଯାଇଛି। ଏପରିକି ବାସଚ୍ୟୁତ ହେବା ପରେ ବିସ୍ଥାପିତ ପରିବାରଗୁଡ଼ିକୁ ମୌଳିକ ସୁବିଧା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବନ ବିଭାଗ। ବିସ୍ଥାପନକୁ ବିରୋଧ କରିଥିବା ପରିବାରଗୁଡ଼ିକୁ ଜାଣିଶୁଣି ହଇରାଣ କରାଯାଇ ବିସ୍ଥାପନ ପ୍ୟାକେଜ୍ ପ୍ରଦାନ କରାଯାଇନାହିଁ। ଗ୍ରାମବାସୀଙ୍କ ହଜାର ହଜାର ଲିଖିତ ଅଭିଯୋଗକୁ ବନ ବିଭାଗ ଆଦୌ କର୍ଣ୍ଣପାତ କରିନାହିଁ। ବାଧହୋଇ କ୍ଷତିଗ୍ରସ୍ତ ପ୍ରଭାବିତ ପରିବାର ଉଚ୍ଚ ନ୍ୟାୟଳୟ, ମାନବ ଅଧିକାର କମିସନ, ଅନୁସୂଚିତ ଜନଜାତି କମିସନ ଓ ଭିନ୍ନକ୍ଷମ କମିସନଙ୍କ ନିକଟରେ ମାଳମାଳ ମାମଲା ରୁଜୁ କରିଛନ୍ତି। ସ୍ୱେଚ୍ଛାକୃତ ଗ୍ରାମବିସ୍ଥାପନକୁ ଏକପ୍ରକାର ଜୋରଜବରଦସ୍ତ ବିସ୍ଥାପନର ରୂପ ଦିଆଯାଇଛି। ଗ୍ରାମବାସୀଙ୍କ କୌଣସି ସମ୍ମତି ନିଆ ନ ଯାଇ ଟିକରପଡ଼ା ପଞ୍ଚାୟତ ମଝିପଡ଼ା ଓ ଟିକରପଡ଼ା ଗ୍ରାମକୁ ବିସ୍ଥାପନ ପାଇଁ କ୍ଷତିପୂରଣ ଅନୁଦାନ ମଗାଯାଇଛି। ଗ୍ରାମର ଭୂମିହୀନ, ଘର ନ ଥିବା ଏବଂ ଦୀର୍ଘଦିନ ବାହାରେ ଥିବା ଲୋକଙ୍କୁ ଉସୁକାଇ ୨୦ ଲକ୍ଷ ଟଙ୍କା ପ୍ୟାକେଜ୍‌ର ପ୍ରଲୋଭନ ଦେଖାଇ ଦରଖାସ୍ତ ଗ୍ରହଣ କରାଯାଇଛି। ଏପରିକି ଜିଲ୍ଲାସ୍ତରୀୟ ବିସ୍ଥାପନ କମିଟିରେ ଟିକରପଡ଼ା ଓ ମଝିପଡ଼ା ଗ୍ରାମକୁ ବିସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ ପୂର୍ବକ ରିଜୋଲ୍ୟୁସନ କରାଯାଇଛି। ଗ୍ରାମବାସୀ ଏହା ଜାଣିବା ପରେ ବନ ବିଭାଗ ସମେତ ଜିଲ୍ଲା ପ୍ରଶାସନକୁ ଏହି ବେଆଇନ୍ ବିସ୍ଥାପନ ବନ୍ଦ କରିବାକୁ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବନ ବିଭାଗ ଗ୍ରାମବାସୀଙ୍କ ସହ ପୂର୍ବରୁ କୌଣସି ସଭା ସମିତି ମାଧ୍ୟମରେ ଆଲୋଚନା ନ କରି ଏକ ଗୋଷ୍ଠୀକୁ ସବୁ ପ୍ରକାର ଭିତିରିଆ ସହଯୋଗ କରି ବିସ୍ଥାପନକୁ ଆଗେଇ ନେବାକୁ ଷଡ଼ଯନ୍ତ୍ର କରିଛି। ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ଏକ ପଲ୍ଲୀସଭା ଆୟୋଜନ ମଧ୍ୟ କରାଯାଇଥିଲା। ଏହି ପଲ୍ଲୀସଭାରେ ଗୋଟିଏ ସାହି ବିସ୍ଥାପନକୁ ସହମତି ପ୍ରଦାନ କରିଥିବା ବେଳେ କେଉଟସାହି ଓ ନୂଆସାହି ବାସିନ୍ଦା ପଲ୍ଲୀସଭାକୁ ବର୍ଜନ କରିଥିଲେ। ଗ୍ରାମ ବିସ୍ଥାପନ ନେଇ ବନ ବିଭାଗର ଭିତିରିଆ ଷଡ଼ଯନ୍ତ୍ର ଏବଂ ଗ୍ରାମରେ ବିଭେଦ ଓ ଭୟ ସୃଷ୍ଟି କରାଯାଇଥିବାରୁ ଗ୍ରାମବାସୀ ମାନସିକ ଯନ୍ତ୍ରଣାରେ ରହୁଛନ୍ତି। ଏପରିକି ଘରଦ୍ୱାର ନିର୍ମାଣ କରିବା, ଜମିବାଡ଼ିର ସାଜସଜା ପୂର୍ବକ ଉନ୍ନତି କରିବାରେ ଖର୍ଚ୍ଚ କରିବାକୁ ଉଚିତ୍ ମନେକରୁ ନାହାନ୍ତି। ଅନ୍ୟପକ୍ଷରେ ସରକାରୀ ଭାବେ କୌଣସି ବିଭାଗୀୟ କାର୍ଯ୍ୟକ୍ରମ ଠୋସ୍ ଚାଲିନାହିଁ। ବନ ବିଭାଗ ମଧ୍ୟ ପରିବେଶ ବିକାଶ ସମିତିର କାର୍ଯ୍ୟକ୍ରମ ଏବଂ ଇକୋଟୁରିଜିମ୍‌ର କାର୍ଯ୍ୟଧାରାରେ ବ୍ରେକ୍ ଦେଇଥିବା ଜଣାଯାଇଛି। ବନ ବିଭାଗର ବିସ୍ଥାପନ କାର୍ଯ୍ୟଧାରରେ ଗ୍ରାମବାସୀ ଅତିଷ୍ଠ ହୋଇ ମଙ୍ଗଳବାର ପଞ୍ଚାୟତସ୍ତରୀୟ ସଭା ଆୟୋଜନ କରିଥିଲେ। ଟିକରପଡ଼ା ପଞ୍ଚାୟତ ରାମିମୁଣ୍ଡା ଆମ୍ବତୋଟାରେ ପ୍ରାୟ ୫ ଶହ ଗ୍ରାମବାସୀ ଏକତ୍ରିତ ହୋଇ ବେଆଇନ ବିସ୍ଥାପନକୁ ଦୃଢ଼ ବିରୋଧ କରିଥିଲେ।

ବେହେରାସାହି ଗ୍ରାମର ଜ୍ଞାନରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିସ୍ଥାପନ ବିରୋଧୀ ସଭାରେ ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ସମିତିସଭ୍ୟ ତପସ୍ୱିନୀ ଦେହୁରୀ, ପୂର୍ବତନ ସରପଞ୍ଚ ବିଦ୍ୟାଧର ପ୍ରଧାନ, ତ୍ରିନାଥ ସାହୁ, ସୁମତି ଦଳବେହେରା, ପୂର୍ବତନ ସମିତିସଭ୍ୟ ଫକୀର ଜାନି, ପ୍ରମିଳା ଜାନି ଏବଂ ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ସଭାପତି ତଥା ପୂର୍ବତନ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନବକିଶୋର ବିଶୋଇ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଆଳ ଦେଖାଇ ବନ ବିଭାଗ ଗ୍ରାମବାସୀଙ୍କ ବିକାଶରେ ବାଧକ ସାଜିଥିବା ପ୍ରକାଶ କରିଥିଲେ। ଟିକରପଡ଼ା ପଞ୍ଚାୟତରେ ଥିବା ୧୧ ୱାର୍ଡ ଏବଂ ୭ ଗ୍ରାମର ମୁଖିଆମାନଙ୍କୁ ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଗ୍ରାମବାସୀଙ୍କ ମତାମତ ରଖିବାକୁ କୁହାଯାଇଥିଲା। ସମସ୍ତ ଗ୍ରାମର ସଭାପତି, ସମ୍ପାଦକ ଏବଂ ଅନ୍ୟ ମୁଖିଆମାନେ ବିସ୍ଥାପନକୁ ଦୃଢ଼ ବିରୋଧ ସମ୍ବନ୍ଧୀୟ ମତ ଦେଇଥିଲେ। ଏପରିକି ବନ ବିଭାଗ ବିକାଶ କାର୍ଯ୍ୟ ଯଥା ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଟେଲିଫୋନ୍ ଲାଇନ୍, ପାନୀୟ ଜଳ ପାଇପ୍ ଲାଇନ୍, ଗ୍ରାମ୍ୟ ଚଲାପଥକୁ କଟକଣା ନାମରେ ବନ୍ଦ କରୁଥିବାରୁ ଏହାକୁ ନିନ୍ଦା କରାଯାଉଥିଲା। ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ରହିଥିବା ଆଇନ୍, ନୀତି, ସରକାରୀ ଗାଇଡଲାଇନ୍ ଉପରେ ଆଇନଜୀବୀ ପ୍ରସନ୍ନ କୁମାର ବେହେରା ପ୍ରାଞ୍ଜଳ ଭାବେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବନ ବିଭାଗ ଆଇନ୍ ଓ ନିୟମାବଳୀର ସଠିକ୍ ଅନୁପାଳନ ପୂର୍ବକ କାର୍ଯ୍ୟ କରୁ ନ ଥିବା ଦର୍ଶାଇଥିଲେ। ବିସ୍ଥାପିତ ଗ୍ରାମବାସୀ ବାଘ ପାଇଁ ସର୍ବସ୍ୱ ହରାଇଥିବା ବେଳେ ସେମାନଙ୍କୁ ସମ୍ମାନ ପ୍ରଦାନ ପରିବର୍ତ୍ତେ ଶୋଷଣ କରାଯାଇଥିବା ଆଲୋଚନା କରାଯାଇଥିଲା। ଗ୍ରାମବାସୀ ସାମୂହିକ ଭାବେ ଗ୍ରାମ ବିସ୍ଥାପନକୁ ବିରୋଧ କରିବାକୁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏପରିକି ବନ ବିଭାଗକୁ ଅସହଯୋଗ କରାଯିବାକୁ ଆଲୋଚନା କରିଥିଲେ। ଗ୍ରାମକୁ ବିଭାଜନ କରି ଏବଂ ଉପଯୁକ୍ତ କ୍ଷତିପୂରଣ ନ ଦେଇ ବେଆଇନ ବିସ୍ଥାପନ ବନ ବିଭାଗକୁ ମହଙ୍ଗା ପଡ଼ିବ ବୋଲି ବିଶୋଇ ପ୍ରକାଶ କରିଥିଲେ। ଗ୍ରାମରେ ଦଲାଲି ସୃଷ୍ଟି କରି ଅସତ୍ ଅର୍ଥ କାରବାର କରି ବନ ବିଭାଗ ଗ୍ରାମକୁ ବିସ୍ଥାପନ ପାଇଁ ସବୁମତେ ଉଦ୍ୟମ କରୁଥିବା ତ୍ରିନାଥ ସାହୁ ପ୍ରକାଶ କରିଥିଲେ। ଆମ୍ଭେ ଏକତା ରକ୍ଷାକରି ଦୃଢ଼ ମୁକାବିଲା ପାଇଁ ଆଇନର ଆଶ୍ରୟ ନେବା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ବୋଲି ସଭାର ସଭାପତି ଜ୍ଞାନରଞ୍ଜନ ସାହୁ ଆହ୍ୱାନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବେହେରା ସାହି, ଗଇଁଦି, ରାମିମୁଣ୍ଡା, କରଡ଼ାପଡ଼ା, ହାତୀବାରି, କୁଶଖଳି, କେଉଟସାହି ଓ ନୂଆସାହି, ଟିକରପଡ଼ା ଗ୍ରାମର ସଭାପତି ଓ ସମ୍ପାଦକ ଯଥାକ୍ରମେ ଚନ୍ଦ୍ରମଣି ଜେନା, ସୁବୋଧ ସାମଲ, ରଞ୍ଜନ କର୍ମୀ, ପ୍ରଫୁଲ୍ଲ ଦେହୁରୀ, ଦର୍ପଦଳନ ପ୍ରଧାନ, ପ୍ରମୋଦ ଗଡ଼ନାୟକ, ରଘୁମଣି ଗଡ଼ତିଆ, ରବି ଦାସ, ନିରଞ୍ଜନ କଅଁର, ରବି ବାରିକ, ଫକୀର ସେଠ ପ୍ରମୁଖ ନିଜ ମତାମତ ପ୍ରଦାନ କରିଥିଲେ।

■ କାରଖାନାରୁ ନିର୍ଗତ ପାଉଁଶ କମ୍ପାନୀ କର୍ତ୍ତୃପକ୍ଷ ଗଚ୍ଛିତ ରଖୁନାହାନ୍ତି

# ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ସାଂସଦ

ଢେଙ୍କାନାଳ, ୧୦।୧୨(ସମିସ): ଜିଲ୍ଲାରେ ଗଢ଼ି ଉଠିଥିବା ବିଭିନ୍ନ କଳକାରଖାନା ପାରିପାର୍ଶ୍ୱିକ ଉନ୍ନୟନ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଡିଣ୍ଡିମ ପିଟୁଥିବାବେଳେ ସମ୍ପୃକ୍ତ କାରଖାନାରୁ ନିର୍ଗତ ପାଉଁଶକୁ କର୍ତ୍ତୃପକ୍ଷ ପୋଖରୀ ତିଆରି କରି ସେଥିରେ ଗଚ୍ଛିତ ରଖିଲେ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଯାଆନ୍ତା ନାହିଁ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଆଦୌ ଗୁରୁତ୍ୱ ନ ଦେଇ ହେୟ ମନେକରି ଚାଲିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କମ୍ପାନୀଗୁଡ଼ିକ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଏଭଳି ପରିସ୍ଥିତି ଦେଖି କ୍ଷୋଭ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। କମ୍ପାନୀମାନେ ପାଉଁଶ ପୋଖରୀ ପ୍ରସ୍ତୁତ ନ କରି କାରଖାନା ଚଳାଇବା ଏକ ବିରଳ ଘଟଣା। କମ୍ପାନୀଗୁଡ଼ିକ ପ୍ରତିଦିନ ଶହଶହ ଟନ୍ କୋଇଲା ବ୍ୟବହାର କରୁଛନ୍ତି। ଯାହାର କି ବର୍ଜ୍ୟବସ୍ତୁ ଏଣେତେଣେ ପଡ଼ିରହିବା ଦ୍ୱାରା ପ୍ରଦୂଷଣ ବଢ଼ୁଛି। ଏ ସଂକ୍ରାନ୍ତରେ ଆବଶ୍ୟକ ତଦନ୍ତ ନ ହେଲେ ଭବିଷ୍ୟତ ନିମନ୍ତେ ଆମ ସମସ୍ତଙ୍କ ପାଇଁ ବିଭିନ୍ନ ସମାସ୍ୟା ସୃଷ୍ଟି ହେବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ମହିଳା ହିଂସା ଓ ମାନବାଧିକାର ଦିବସ ପାଳିତ

ଗଁଦିଆ, ୧୦।୧୨(ସମିସ): ଐରା ଦ୍ୱାରା ପରିଚାଳିତ ସ୍ଥାନୀୟ ବୋରାପଦାସ୍ଥିତ ଶକ୍ତି ସଦନ ଗୃହ ପରିସରରେ ମହିଳା ହିଂସା ଓ ମାନବ ଅଧିକାର ଦିବସ ପାଳିତ ହୋଇଛି। ଏଥିରେ ସିଡବ୍ଲ୍ୟୁସି ମୁଖ୍ୟ ପୁଷ୍ପକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଦିବସ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ଯୋଗଦେଇ ମହିଳା ହିଂସା ଓ ନିରାକାରଣ ଉପରେ ଆଲୋଚନା କରିଥିଲେ। ଡିସିପିଓ ଅନୁରାଧା ଗୋସ୍ୱାମୀ ପିଲାମାନଙ୍କ ଅଧିକାର ଏବଂ ସେମାନଙ୍କୁ ମିଳୁଥିବା ସରକାରୀ ସୁବିଧା ବିଷୟରେ କହିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା ଶକ୍ତି ସଦନରେ ମିଳୁଥିବା ସମସ୍ତ ସୁବିଧା ବିଷୟରେ କହିଥିଲେ। ଏହି ଅବସରରେ ଅନ୍ତେବାସୀ ଏବଂ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଶକ୍ତି ସଦନ ଗୃହଠାରୁ ବାହାରି ବୋରାପଦା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ପହଞ୍ଚିଥିଲା। ସେଠାରେ ତାଲିମପ୍ରାପ୍ତ ଛାତ୍ରାଛାତ୍ରୀଙ୍କୁ ଆଜିର ଦିବସର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଅନୁଷ୍ଠାନର ଅଧ୍ୟକ୍ଷ ଜଗଦୀଶ ହ୍ୟାଇବ୍ରୁ ଅବଗତ କରିଥିଲେ। ଶକ୍ତି ସଦନର ପରିଚାଳକ ଭାନୁମତି ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ନର୍ଦ୍ଦେଶକ ସୁରେଶ କୁମାର ପୁରସ୍କାର ପ୍ରଦାନ କରିଥିଲେ। ସୌମ୍ୟ ସୁଚରିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଟ୍ରକ୍ ପଛରେ ବସ୍ ଧକ୍କା; ୧୩ ଆହତ, ୨ ଗୁରୁତର

ଛେଣ୍ଡିପଦା, ୧୦।୧୨(ସମିସ): ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ଥାନ କୋଶଳା ଗ୍ରାମ ଶିମିଳିସାହିଠାରେ ମଙ୍ଗଳବାର ଏକ ଟ୍ରକ ରାସ୍ତାରେ ଠିଆହୋଇ ଧାନ ବୋଝେଇ କରୁଥିବାବେଳେ ଅନୁଗୋଳ ଯାଉଥିବା ସାହୁ ଏଣ୍ଡ ସାହୁ ଘରୋଇ ବସ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବାବେଳେ ଏଥିରେ ଥିବା ପ୍ରାୟ ୩୦ ଯାତ୍ରୀଙ୍କ ମଧ୍ୟରୁ ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଗୁରୁତର ଦୁଇଜଣଙ୍କୁ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଆହତମାନେ ହେଲେ ଚାଣ୍ଡାଳ ସାହୁ, ଝୁନାରାଣୀ ନାୟକ, ହୃଦା ଗୋଛାୟତ, ବାଦଲ ମାହାର, ପଲ୍ଲବୀ ନାଏକ, ଝରଣା ସାହୁ ପ୍ରମୁଖ। ଛେଣ୍ଡିପଦା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।



# ବାଲି ବୋଝେଇ ହାଇୱା ଜବତ; ଚାଳକ ଗିରଫ

ତାଳଚେରସଦର, ୧୦।୧୨(ସମିସ): କୋଲିୟରୀ ଥାନା ପୁଲିସ୍ ଚଢ଼ଉ କରି ଗୋଟିଏ ଚୋରାବାଲି ବୋଝେଇ ହାଇୱା ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ଢେଙ୍କାନାଳ ଓଡ଼ାପଡ଼ା ବାଲିଘାଟରୁ ଏକ ହାଇୱା ଯୋଗେ ତାଳଚେରକୁ ବାଲି ଚାଲାଣ ହେଉଥିବା ବେଳେ ପୁଲିସ ସନ୍ଦେହରେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ପୁଲିସ୍ ବାଲିର କାଗଜପତ୍ର ମାଗିବାରୁ ଚାଳକ ଦେଖାଇପାରି ନ ଥିଲେ। ଫଳରେ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ଚାଳକ ମାରସ ପ୍ରଶାନ୍ତ (୨୩)ଙ୍କୁ ପୁଲିସ୍ ଗିରଫ କରିଛି। ଏ ସମ୍ପର୍କରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି।

କେବେ ଚାଲିବ ଯାତ୍ରୀବାହୀ ଟ୍ରେନ୍

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ

ଭୁବନ, ୧୦।୧୨(ସମିସ)



ଅନୁଗୋଳ-ସୁକିନ୍ଦା ରେଳ ଲାଇନରେ ପାସେଞ୍ଜର ଟ୍ରେନ ଚଳାଇବା ପାଇଁ ପର୍ଜଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଓଡ଼ିଶା ବିଧାନସଭାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠିଲେଖି ଅନୁରୋଧ କରିଛନ୍ତି। ଅନୁଗୋଳ-ସୁକିନ୍ଦା ରେଳପଥ କେନ୍ଦ୍ରୀୟ ଓଡ଼ିଶାର ଲାଇଫଲାଇନ୍ ହୋଇଛି। ଏହି ରେଳପଥ ଯେଉଁ ଜିଲ୍ଲା ଦେଇ ଯାଇଛି ତନ୍ମଧ୍ୟରୁ ଢେଙ୍କାନାଳରେ ସିଂହଭାଗ ଜମି ରହିଛି। ଏହାର ଦୈର୍ଘ୍ୟ ୯୮.୭ କିମି। ୧୯୯୮-୯୯ରେ ଏହାକୁ ମଞ୍ଜୁରୀ ମିଳିଥିଲା। ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶୱାନ କାମାକ୍ଷାନଗରରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାଥମିକ ବଜେଟ ଥିଲା ୨୪୫.୨୨ କୋଟି ଟଙ୍କା। ଏହି ରେଳପଥ ପାଇଁ ଢେଙ୍କାନାଳ ଜିଲ୍ଲାରେ ୬୨୭୪୦ ହେକ୍ଟର, ଯାଜପୁର ଜିଲ୍ଲାରେ ୨୯୫୪୨ ହେକ୍ଟର ଏବଂ ଅନୁଗୋଳ ଜିଲ୍ଲାରେ ୬୪୧୩ ହେକ୍ଟର ଜମି ଅଧିଗ୍ରହଣ ହୋଇଛି। ଏଥିପାଇଁ ରେଳବିକାଶ ନିଗମର ୪୫ ପ୍ରତିଶତ ରହିଥିବା ବେଳେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଭୂଷଣ ଷ୍ଟିଲ ଆଣ୍ଡ ପାୱାର ସହ ରାଜ୍ୟ ସରକାରଙ୍କ ଅଂଶଧନ ରହିଛି। ଏହି ରେଳପଥ ଦ୍ୱାରା ଯୋଡ଼ା, ବଡ଼ବିଲ ଲୁହାଖଣି ସହ ଅନୁଗୋଳର ଇସ୍ପାତ ଶିଳ୍ପ ଯୋଡ଼ି ହୋଇଛି। ତାଳଚେରର କୋଇଲା ଖଣି ସହ ପାରାଦୀପ ବନ୍ଦର, ଧାମରା ବନ୍ଦର ଯୋଡ଼ି ହୋଇଛି। ଅନୁଗୋଳ ଜିଲ୍ଲା ବଣ୍ଡରପାଳ ବ୍ଲକର ବୁଢ଼ାପଙ୍କଠାରୁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ବାଘୁଆପାଳ ପର୍ଯ୍ୟନ୍ତ ଏହି ରେଳପଥ ଲମ୍ବିଛି। ୨୦୨୩ ଜାନୁଆରୀ ୨୨ରେ ଏହି ରେଳପଥରେ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ୨୦୨୩ ମେ ୨୪ରେ ଏହା ଉଦଘାଟିତ ହୋଇଥିଲା। ତେବେ ବର୍ଷକ ମଧ୍ୟରେ ଏହି ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ମିଳିଥିବା ବେଳେ ଇତିମଧ୍ୟରେ ପ୍ରାୟ ୨ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଅନୁଗୋଳର ବୁଢ଼ାପଙ୍କ ପରଜଙ୍ଗ, ମୁକ୍ତାପଶି, କାମାକ୍ଷାନଗର, ରଙ୍ଗମାଟିଆ, ଟାଙ୍ଗେରିଆ, ଭୁବନ ରୋଡ, ସୁକିନ୍ଦା ଓ ସୁକିନ୍ଦାରୋଡରେ ଷ୍ଟେସନ ନିର୍ମାଣ କରାଯାଇଛି। ମାତ୍ର ଏହି ରେଳପଥ ଦେଇ ଆଜିପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ ଚାଲିନାହିଁ। ଓଡ଼ିଶାରେ ସରକାର ପରିବର୍ତ୍ତନ ହେବାର ୬ ମାସ ପରେ ଏ ନେଇ ବିଧାୟକ ପ୍ରଧାନ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

■ ଏମସିଏଲ୍ ବିରୋଧରେ ଜମି କ୍ଷତିଗ୍ରସ୍ତ ପାପ୍ ପାର୍ଟନରସିପ୍ ଫାର୍ମ

# ବିଧାନସଭା ସମ୍ମୁଖରେ ମହାସଂଘର ଗଣଧାରଣା

ତାଳଚେରସଦର, ୧୦।୧୨(ସମିସ): ତାଳଚେର ଏମସିଏଲ୍ ଦ୍ୱାରା ବାସଚ୍ୟୁତ ଓ ଜମି କ୍ଷତିଗ୍ରସ୍ତ ପାପ୍ ପାର୍ଟନରସିପ୍ ଫାର୍ମ ମହାସଂଘ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ମହାସଂଘ ସଭାପତି ମନମୋହନ ନାଏକଙ୍କ ନେତୃତ୍ୱରେ କର୍ମକର୍ତ୍ତା, ବହୁ ମହିଳା ଓ ପୁରୁଷ ସଦସ୍ୟ ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଏମ୍‌ସିଏଲ୍ ଦ୍ୱାରା ବାସଚ୍ୟୁତ୍ ଓ ଜମି କ୍ଷତିଗ୍ରସ୍ତଙ୍କୁ କୋଇଲାଖଣିରେ ଥଇଥାନ ନିମନ୍ତେ ପାପ୍ ଆନୁକୂଲ୍ୟରେ କୋଇଲା ପରିବହନ ପାଇଁ ସରକାରଙ୍କ ନିୟମ ରହିଛି। ଠିକା କୋଇଲା ପରିବହନ ଭାଗିଦାରୀ ସଂସ୍ଥାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ପ୍ରମାଣୀକରଣ ହୋଇଥିବା ବେଆଇ> ଫାର୍ମଗୁଡ଼ିକର ଖାରଜ ତାଲିକା ପ୍ରଦାନ କରାଯିବା ଓ କ୍ରମାନ୍ୱୟରେ ଥିବା ଲିଗାଲ୍ ଫାର୍ମଗୁଡ଼ିକୁ ଆଗକୁ ବଢ଼ାଯିବାକୁ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଧାରଣାରେ ସମ୍ପାଦକ କାଳନ୍ଦୀଚରଣ ବିଶ୍ୱାଳ, ଉପସଭାପତି ରଞ୍ଜିତା ନାଏକ, ପଦ୍ମିନୀ ନାଏକ, ଅଭୟ ପାଣି, ବିନୋଦ ଲାଲ୍, ମମତା ନାଏକ, ସଞ୍ଜୁଳ ନାଏକ, ଅମିତ୍ କୁମାର ନାଏକ, ଗୋବିନ୍ଦ ନାଏକ, ସୁଶାନ୍ତ ନାଏକଙ୍କ ସମେତ ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।



# ନିଜ ଅଫିସରୁ କମ୍ପ୍ୟୁଟର ଚୋରିକରି ଧରାପଡ଼ିଲେ କର୍ମଚାରୀ

ତାଳଚେରସଦର, ୧୦।୧୨(ସମିସ): ନିଜ କାର୍ଯ୍ୟାଳୟରୁ କମ୍ପ୍ୟୁଟର ଓ ଲାପଟପ ଚୋରି କରି ଧରାପଡ଼ିଛନ୍ତି କର୍ମଚାରୀ ରଜନୀକାନ୍ତ ମହାଳିକ (୨୪)। କମ୍ପ୍ୟୁଟର ଓ ଲାପଟପ ଚୋରି ସମ୍ପର୍କରେ ଅଫିସ ପକ୍ଷରୁ କୋଲିୟରୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ୍ ଏହାର ତଦନ୍ତ କରି ରଜନୀକାନ୍ତଙ୍କୁ ପଚରାଉଚରା କରିବା ଫଳରେ ସେ ଦୋଷ ସ୍ୱୀକାର କରିଥିଲେ। ପୁଲିସ୍ ମାମଲା ରୁଜୁକରି ରଜନୀକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତାଙ୍କଠାରୁ କମ୍ପ୍ୟୁଟର ଓ ଲାପଟପ୍ ଜବତ କରିଛି।

## ଚାଷୀଙ୍କୁ ମିଳୁନି ଆଳୁ ବିହନ

# ସବ୍‌ସିଡ୍ ଅର୍ଥ ହରିଲୁଟ୍ ପାଇଁ ଯୋଜନା

ମାର୍ଶାଘାଇ,୧୦। ୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଆଳୁଚାଷ ପାଇଁ ପର୍ଯ୍ୟାପ୍ତ ବିହନ ଯୋଗାଇ ଦିଆଯାଇଥିବା କୁହାଯାଉଛି। ହେଲେ ପ୍ରକୃତ ଚାଷୀଙ୍କୁ ଏପର୍ଯ୍ୟନ୍ତ ଆଳୁ ବିହନ ମିଳିନି। ଉଦ୍ୟାନ କୃଷି ବିଭାଗର ହରିଲୁଟ ଯୋଜନାକୁ ସାର୍ଥକ କରିବାକୁ ଆଳୁ ବିହନ ବିକ୍ରୀ ହେଉଛି ବୋଲି ଅଭିଯୋଗ ହୋଇଛି। ଏମିତିକି ବେନାମୀ ବ୍ୟକ୍ତିଙ୍କୁ ଆଳୁ ବିହନ ବିକ୍ରି କରାଯାଇ ସବ୍‌ସିଡ ଅର୍ଥ ହରିଲୁଟ କରିବାକୁ ଉଦ୍ୟମ ଚାଲିଥିବା କୁହାଯାଉଛି। କେବଳ ଏହି ଗୋଟିଏ ଯୋଜନା ନୁହେଁ, ସରକାରଙ୍କ ଉଦ୍ୟାନ କୃଷି ବିଭାଗର ସମସ୍ତ ଯୋଜନାରେ ହରିଲୁଟ ହେଉଛି। ଅନ୍ୟପଟେ ଚାଷୀ ଆଳୁ ବିହନ ବାହାରୁ କିଣି ଚାଷ କରୁଛନ୍ତି। ସେପଟେ ପ୍ରକୃତ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ଆଉ ସଂରକ୍ଷଣ ପାଇଁ ଜିଲ୍ଲାରେ ଶୀତଳଭଣ୍ଡାର ନାହିଁ। ତେଣୁ ଆଳୁ ଚାଷ କ୍ରମାଗତ ଭାବେ କମି କମି ଆସୁଛି। ଆଳୁ ଚାଷ ପ୍ରତି ସରକାରଙ୍କ ପ୍ରୋତ୍ସାହନ ଓ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡାର ନିର୍ମାଣ ପ୍ରତିଶ୍ରୁତି ଯେମିତି ଧୂଆଁବାଣ ସାବ୍ୟସ୍ତ ହୋଇଛି। ଏଭଳି ପରିସ୍ଥିତିରେ ଚାଷୀ ଆଳୁ ଚାଷ କରିବାକୁ ମୁହଁ ମୋଡିଲେଣି। ଆଳୁ ଚାଷ ବ୍ୟାପକ ମାତ୍ରାରେ ହ୍ରାସ ପାଉଥିବାରୁ ଆଗାମୀ ଦିନରେ ଓଡ଼ିଶାରେ ଆଳୁ ସଂକଟ ବ୍ୟାପକ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଉଦ୍ୟାନ କୃଷି ବିଭାଗ ସରକାରୀ ପ୍ରୋତ୍ସାହନରେ ଚାଷୀଙ୍କୁ ଆଳୁଚାଷ କରିବାକୁ ସରକାରୀ ଧାର୍ଯ୍ୟମୂଲ୍ୟରେ ଆଳୁ ବିହନ ଯୋଗାଇ ଦେବାକୁ କୁହାଯାଇଥିଲା। ଆଳୁ ଚାଷ ହେକ୍ଟର ପ୍ରତି ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାରୁ ଆଳୁଚାଷ କରିବାକୁ ଚାଷୀ ଆଗ୍ରହ ପ୍ରକାଶ କରିଥିଲେ। ଚାଷୀମାନଙ୍କୁ ଉନ୍ନତ ବିହନ ଯୋଗାଇବାରେ ଉଦ୍ୟାନ ବିଭାଗର ବିଫଳତା ନେଇ ଚାଷୀ ସଂଗଠନମାନେ ମତ ରଖୁଛନ୍ତି। ଆଳୁ ସଂରକ୍ଷଣ ନିମନ୍ତେ ପ୍ରତି ବ୍ଲକ କାର୍ଯ୍ୟାଳୟରେ ପିପିପି ମୋଡ଼ରେ ଶୀତଳଭଣ୍ଡାର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତିରେ କେବଳ କଥାରେ ହିଁ ଅଟକି ରହିଛି। ବ୍ଲକ ମହକୁମାରେ ଶୀତଳଭଣ୍ଡାର ନଥିବାରୁ ଚାଷୀ ଆଳୁ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହେବାକୁ ପଡୁଛି। ଚଳିତ ବର୍ଷ କରୋନା ସଂକଟ ସମୟରେ ସରକାର ଚାଷୀଙ୍କୁ ଆଳୁ ଚାଷ କରିବାକୁ ବିହନ କିମ୍ବା ସରକାରୀ ପ୍ରୋତ୍ସାହନ ପ୍ରଦାନ କରିନଥିବା ଅଭିଯୋଗ ହେଉଛି। ମାର୍ଶାଘାଇ ବ୍ଲକ ୨୪ଟି ପଞ୍ଚାୟତରେ ଆଳୁ ଚାଷ କ୍ରମଶ ହ୍ରାସ ପାଇବାରେ ଲାଗିଛି। ୨୦୨୨/୨୩ ଆର୍ଥିକ ବର୍ଷରେ ବ୍ଲକ ଉଦ୍ୟାନ କୃଷି ବିଭାଗ ତରଫରୁ ସରକାରୀ ପ୍ରୋତ୍ସାହନରେ ୪ଜଣ ଚାଷୀ ୧.୩୨ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ୨୦ କ୍ୱିଣ୍ଟାଲ ବିହନ ପ୍ରଦାନ କରାଯାଇଥିଲା। ୪ଜଣ ଚାଷୀଙ୍କ ନିକଟରୁ ୩୩୦ କ୍ୱିଣ୍ଟାଲ ଆଳୁ ଉତ୍ପାଦନ ହୋଇଥିବା ବ୍ଲକ ଉଦ୍ୟାନ କୃଷି ଅଧିକାରୀ କହିଛନ୍ତି। ୨୦୨୪/୨୫ ଆର୍ଥିକ ବର୍ଷରେ ମାତ୍ର ୧୫.୬୯ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ୪୦୮ ପ୍ୟାକେଟ୍ ୨୦୪ କ୍ୱିଣ୍ଟାଲ ଆଳୁ ବିହନ ମାତ୍ର ୮ଟି ଆୟତପୁର, ଜଳପୋକ ଆଖୁଆ, ମେହେନ୍ଦିନଗର, ଜମପଡ଼ା ବଛରାଇ, ମଣିକୁଣ୍ଡା, ତାଳସଙ୍ଗା ପଞ୍ଚାତର ହାତଗଣତି ଚାଷୀଙ୍କୁ ଆଳୁ ବିହନ ପ୍ରଦାନ କରାଯାଇଛି। ମୃତ୍ୟୁଞ୍ଜୟ ମିଶ୍ର, ଲିପନ ରାଉତ, ଗୋଲେଖ ପରିଡ଼ା, ନିଳାମ୍ବର ସାହୁ, ଅକ୍ଷୟ ପରିଡ଼ା, ଅପ୍‌ସିତ ମହାନ୍ତିଙ୍କୁ ସମେତ ୧୨୪ଜଣ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଥିବା ବେଳେ ଜଣକ ନାଁରେ ଅନ୍ୟ ଚାଷୀଙ୍କ ନାମ ଦର୍ଶାଇ ୧୦ରୁ ଅଧିକ ପ୍ୟାକେଟ ବିହନ ବଣ୍ଟନ କରାଯାଇଛି। ଚାଷୀଙ୍କୁ ପ୍ୟାକେଟ୍ ପ୍ରତି ୧ ହଜାର ଅର୍ଥରେ ବଣ୍ଟନ କରାଯାଇଛି। ପଞ୍ଜାବ ଓ ଉତ୍ତରପ୍ରଦେଶରୁ ଆସିଛି ଉନ୍ନତମାନର କୁଫ୍ରି ଓ ପୋଖରାଜ ଆଳୁ ବିହନ। ଏହା ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଉଦ୍ୟାନ ବିଭାଗ କହିଛି। ଅବଶ୍ୟ ଉଦ୍ୟାନ ବିଭାଗ କ୍ଷେତ୍ର ପରିଦର୍ଶନ କରି ଚାଷୀ ଓ ଫସଲ ଜିଓ ଟ୍ୟାଗିଂ କରାଯିବା ପରେ ଆଳୁ ବିହନ ବାବଦ ଚାଷୀଙ୍କ ଅର୍ଥ ଫେରସ୍ତ କରାଯିବ ବୋଲି ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କରିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ସୀମିତ ଆଳୁଚାଷୀଙ୍କୁ ସୁଯୋଗ ମିଳୁଥିବାବେଳେ ଅନେକ ଆଳୁଚାଷୀ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ ହେଉଥିବା ଅଭିଯୋଗ କରୁଛନ୍ତି। ମାର୍ଶାଘାଇ ବ୍ଲକର ବଛରାଇ, ପେଣ୍ଠ, ବାଲିକୁଦା, କୁଳସାହି, ଗୋଧନ ବାରତୁଙ୍ଗା, ବନ୍ଧକଟା, ମୂଷା?ଆ, ତେଲିଆକଣ, ଜରିଆବରାଇ, ମେହେନ୍ଦିନଗର, ରଙ୍କାଳ, କରାଣ୍ଡିଆ, ରାଘବପୁର, ମାଣ୍ଡିଆ, ନରସିଂହପୁର, ପୋଦନା, ତାଳସଙ୍ଗ-ଶାସନିପଡ଼ା, ଗରଜଙ୍ଗା, ଜଳପୋକ, ଆୟତିପୁର, କରିଲୋପାଣା, ଜମପଡ଼ା,ପଞ୍ଚାୟତ ଲୁଣା-କରାଣ୍ଡିଆ ନଦୀ କୂଳ ଉର୍ବର ଚାଷଜମି ଅଧିକ ପରିମାଣ ଆଳୁ ଚାଷ କରୁଥିଲେ। ସରକାରୀ ପ୍ରୋତ୍ସାହନ ମିଳୁନଥିବା ଏବଂ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡା ସୁବିଧା ନଥିବା ସହ ଅମଳପରେ ସରକାରୀ ବଜାର ବ୍ୟବସ୍ଥା ମିଳୁନଥିବାରୁ ଚାଷୀ ଶାଗମାଛ ମୂଲ୍ୟରେ ଆଳୁ ବିକ୍ରି କରି କ୍ଷତିଗ୍ରସ୍ତ ହେବାର ନଜିର ରହିଛି। ଏଥିପାଇଁ ଆଳୁ ଚାଷ କ୍ରମଶଃ ହ୍ରାସ ପାଇ ଚାଲିଥିବା ଚାଷୀମାନ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ଏଏଚ୍‌ଓ ଶ୍ରୀରାମ ରତନ ପ୍ରଧାନ କହିଛନ୍ତି, ପୂର୍ବବର୍ଷ ବିଳମ୍ବ ହୋଇଥିଲା। ଚାହିଦା ମୁତାବକ ଚଳିତବର୍ଷ ଚାଷୀଙ୍କୁ ଉନ୍ନତ କିସମ ପୋଖରାଜ ବିହନ ଯୋଗାଇ ଦିଆଯାଇଛି। ତେଣୁ ଚାଷୀଙ୍କ ଚାହିଦା ପୂରଣ କରିବାକୁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

**ବେନାମୀ ଚାଷୀଙ୍କୁ ବିକ୍ରି ହେଉଛି ସରକାରୀ ବିହନ**

## ସମସ୍ୟା ଘେରରେ ପରିବା ଚାଷୀ

### ■ ମିଳୁନି ସହାୟତା କି ପରାମର୍ଶ



କୁଜଙ୍ଗ,୧୦।୧୨ (ସମିସ): କୁଜଙ୍ଗ ବ୍ଲକର କିଚେନ୍ ଗାର୍ଡେନ ରୂପେ ପରିଚିତ ବାଗୋଇ, ବାଲିଆ ଓ ଜିଲାନାସୀ ଅଞ୍ଚଳର ପରିବା ଚାଷୀ ଏବେ ସମସ୍ୟା ଘେରରେ। ସେମାନଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ମିଳୁନଥିବା ବେଳେ ପ୍ରତିକୂଳ ପାଗ ଓ ପରିସ୍ଥିତରେ ସେମାନେ ସଂଘର୍ଷ କରି ନିଜ ଭାଗ୍ୟ ଓ ଭବିଷ୍ୟତ ପାଇଁ ଲଢୁଥିବା ଦେଖିବାକୁ ମିଳୁଛି। ଏହି ମର୍ମରେ ଏବେ ପରିବା ଦର ଆକାଶ ଛୁଆଁ ରହିଥିବା ବେଳେ ଅଞ୍ଚଳର ଚାଷୀ ପରିବା ଚାଷ ଉପରେ ଗୁରୁତ୍ୱ ଦେଇ ବିଗତ ଦୁଇ ମାସ ହେଲା ଜମିରେ ମାଟି ସାଙ୍ଗରେ ମାଟି ହୋଇ ଖଟୁଛନ୍ତି। ମାତ୍ର ସାର, କୀଟନାଶକ ଔଷଧର ଅହେତୁକ ଦର ବୃଦ୍ଧି, ଉପଯୁକ୍ତ ଜଳସେଚନ ଅଭାବ ଯୋଗୁ ଏବେ ଚାଷୀ ବିଭିନ୍ନ ସମିତିରୁ ଋଣ ଆଣି ଚାଷ କରି ପରିବା ଅମଳ ପାଇଁ ଅର୍ଥ ଖଟାଇ ପାରୁନଥିବା ଅଭିଯୋଗ ହୋଇଛି। ବାଲିଆ ପଞ୍ଚାୟତର ବଡଙ୍ଗ ଗ୍ରାମର ଦୁଇ ଯୁବ ଚାଷୀ ଅଭୟ ସ୍ୱାଇଁ ଓ ରବୀନ୍ଦ୍ର ମହାନ୍ତି ଏକ ଏକରୁ ଅଧିକ ଜମିରେ ବନ୍ଧାକୋବି ଓ ଫୁଲ କୋବି ଚାଷ କରିଥିଲେ ମଧ୍ୟ ଫସଲ ପାଇଁ ସଂଘର୍ଷ କରୁଥିବା ଦେଖିବାକୁ ମିଳୁଛି। ରୋଜଗାର ଅଭାବରୁ ବହୁ ଯୁବକ ଦାଦନ ଖଟିବାକୁ ବାହାରା ରାଜ୍ୟକୁ ଯାଉଥିବା ବେଳେ ଯେଉଁ କେତେକ ଉଦ୍ୟମୀ ଯୁବକ ନିଜ ଉଦ୍ୟମରେ ନିଜର ଜମି ନଥାଇ ମଧ ଚାଷ କରି ସ୍ୱାବଲମ୍ବୀ ହେହାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଉପଯୁକ୍ତ ପରାମର୍ଶ କିମ୍ବା ସବ୍‌ସିଡ୍ ସାର ବିହନ ମିଳୁନି। ଫଳରେ ଏବେ ପରିବାର ଦର ଆକାଶ ଛୁଅଁ ରହିଥିବା ବେଳେ ଏହି ସବୁ ଅଞ୍ଚଳର ଅମଳ ଆରମ୍ଭ ହେଲେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଚାଷୀ କ୍ଷତି ସହିବାର ମଧ ଅଶଙ୍କା ରହିଛି। ପ୍ରତିକୂଳ ପାଗ, ରୋଗ ପୋକ ସହ ଚାଷୀ ଲଢୁଛନ୍ତି। ସରକାରୀ କିମ୍ବା ବେସରକାରୀ ପ୍ରୋତ୍ସହନ ମିଳିଲେ ଅଧିକ ଚାଷୀ ଉତ୍ସାହିତ ହୋଇ ଚାଷ କରେନ୍ତ ବୋଲି ଚାଷୀ ନେତା ବିଭୂତି ଭୂଷଣ ଜେନା, ବାବୁରାମ ଚୌଧୁରୀ, ବେଦ ପଟ୍ଟନାୟକ ପ୍ରମୁଖ ମତ ଦେଇଛନ୍ତି।

## କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

ମାର୍ଶାଘାଇ,୧୦।୧୨(ସମିସ): କୁମ୍ଭକାର ସମ୍ପ୍ରଦାୟର ବାର୍ଷିକ ପର୍ବ କୁରାଳ ପଞ୍ଚମୀ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ମୁଖ୍ୟବଜାର ନିକଟବର୍ତ୍ତୀ କୁମ୍ଭାର ସାହିରେ ପାଞ୍ଚ ଦିନ ବ୍ୟାପି ପାଳିତ ହେଉଥିବା କୁରାଳପଞ୍ଚମୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଝିଅମାନଙ୍କ ଦ୍ୱାରା ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ ପ୍ରଭୃତି ପ୍ରତିଯୋଗିତା କରାଯିବା ସହିତ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ବିଚିତ୍ରାନନ୍ଦ ବେହେରା, ଦିବାକର ବେହେରା, ସରୋଜକାନ୍ତ ନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ସୁବ୍ରତା ସାହୁ, ଶିକ୍ଷୟିତ୍ରୀ ହରପ୍ରିୟା ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବିକା କସ୍ତୁରୀ ବେହେରା, କରିସ୍ମା ବେହେରା, ଜୋସ୍ନା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଚିନ୍ମୟୀ ବେହେରା, କଳ୍ପିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିରଣ କୁମାର ବେହେରା, ଦୀପକ ବେହେରା, ଜିତେନ୍ଦ୍ର ବେହେରା, ଚିତ୍ତରଞ୍ଜନ ବେହେରା, ମନୋରଞ୍ଜନ ପରିଡା, ରମାକାନ୍ତ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମରେ ପୂଜାମଣ୍ଡପରେ ପାଉଥିବା ହରପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଛି। ବୁଧବାରଠାରୁ ପୁଣି କୌଳିକ ବୃତ୍ତି ଆରମ୍ଭ ହେବ ବୋଲି ଦିବାକର ବେହେରା, କସ୍ତୁରୀ ବେହେରା, ସୀତାକାନ୍ତ ବେହେରା, କୃଷ୍ଣଚନ୍ଦ୍ର ବେହେରା, କଣ୍ଢ ବେହେରା, ଲଙ୍ଗୁଳି ବେହେରା, ନଟବର ବେହେରା, ଆକୁଳି ବେହେରା, ସୁନାକର ବେହେରା ଓ ରଞ୍ଜନ ବେହେରା ପ୍ରମୁଖ କହିଛନ୍ତି।

## ଓଡ଼ିଶା ବିଧାନସଭା ପରିଦର୍ଶନ କଲେ ଲୋକନାଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀ

ଗରଦପୁର,୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରାରେ ଅବସ୍ଥିତ ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଓଡ଼ିଶା ବିଧାନସଭା ପରିଦର୍ଶନ ହୋଇଛି। ବିଭାଗୀୟ ମୁଖ୍ୟ ଡ.ସୁଶାନ୍ତ କୁମାର ପରିଡ଼ାଙ୍କ ନେତୃତ୍ୱରେ ବିଭାଗର ୪୦ ଜଣ ଛାତ୍ରଛାତ୍ରୀ ବିଧାନସଭା ପରିଦର୍ଶନ କରି ଗୃହରେ ପ୍ରଶ୍ନକାଳ, ଶୂନ୍ୟ କାଳରେ ଉପସ୍ଥିତ ରହି ଜ୍ଞାନ ଆହରଣ କରିଥିଲେ। ପରିଶେଷରେ ସମ୍ମାନିତ ବାଚସ୍ପତିଙ୍କ ସହ ବାର୍ତ୍ତାଳାପ ଓ ଚିତ୍ର ଉତ୍ତୋଳନ ହୋଇଥିଲା। ଅଧ୍ୟାପକ ସତ୍ୟବ୍ରତ ବେହେରା ଓ ଅଧ୍ୟାପକ ସୁମନ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାମକୁ ଅଞ୍ଚଳବାସୀଙ୍କ ସ୍ୱାଗତ

ମଣିଜଙ୍ଗା,୧୦।୧୨(ସମିସ): ତିର୍ତ୍ତୋଲ ବ୍ଲକର ପିପ୍ପଳମାଧବ ଆରଡିଠାରୁ ଜବାହର ସ୍ମୃତି ବିଦ୍ୟାପୀଠ ଓ ୧୨ ନମ୍ବର ଇ-କେନାଲ ବନ୍ଧ ପିଚୁ ହେଉଥିବାରୁ ସ୍ଥାନୀୟ ଲୋକେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାସ୍ତା ଠିକ୍ ନଥିବାରୁ ଦୀର୍ଘ ବର୍ଷ ହେଲା ଲୋକେ ଅସୁବିଧା ଭୋଗ କରି ଆସୁଥିଲେ। ବର୍ଷା ଦିନେ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଥିଲେ। ସରକାର ଏହି କାମକୁ ହାତକୁ ନେଇ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାର୍ଯ୍ୟ କରୁଥିବାରୁ ପିମ୍ପଲ୍ ମାଧବ ଗ୍ରାମପଞ୍ଚାୟତର ବିଜେପି ସଭାପତି ନିମାଇ ଚରଣ ମଲ୍ଲ , ଜଗଦିଶ ସ୍ୱାଇଁ ,ସତ୍ୟଜିତ ନାୟକ ଓ ସନ୍ତୋଷ କୁମାର ନାୟକ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର ସମ୍ବର୍ଦ୍ଧିତ

ପଟ୍ଟାମୁଣ୍ଡାଇ,୧୦।୧୨ (ସମିସ) ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ରଙ୍କୁ ନରସିଂହପୁର ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅଠରବାଟିଆ ବଜ୍ର ମା' କାଳୀ ହାଇସ୍କୁଲଠାରେ ଓଷ୍ଟା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନରସିଂହପୁର ପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ସାମ୍ବାଦିକ ଶ୍ରୀଭଦ୍ରଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ବଜ୍ର ମା କାଳୀ ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଅନୁସୂୟା ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷକ ନେତା ଉପସ୍ଥିତ ଥିଲେ।

## ସୋନିଆ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ବାଲିକୁଦା,୧୦।୧୨(ସମିସ): କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ଜାତୀୟ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷା, ବର୍ତ୍ତମାନର ରାଜ୍ୟସଭା ସାଂସଦ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ୭୮ ତମ ଜନ୍ମ ଦିବସ ପରିପ୍ରେକ୍ଷୀରେ ବାଲିକୁଦା ବ୍ଲକ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳାଇଙ୍କ ନେତୃତ୍ୱରେ ବାଲିକୁଦା ମେଡିକାଲ ପରିସରରେ ଥିବା ସମସ୍ତ ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇ ଜନ୍ମ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ କଂଗ୍ରେସ ନେତା ମାନଙ୍କ ମଧ୍ୟରେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଯୁବନେତା ସୁଶାନ୍ତ କୁମାର ଦାସ, ବିଶ୍ୱଜିତ ଦାସ, ଚିନ୍ମୟ ବିଶ୍ୱାଳ, ପ୍ରବୀଣ ମହାନ୍ତି, ଗୌରାଙ୍ଗ ଦଳାଇ, ଦିଲୀପ ସାହୁ, ଜାବୁଲା ଖାନ, କାର୍ତିକ ଗୋଛାୟତ, ସମ୍ପଦ ବେହେରା, ବାହାନ ପରିଡା ଓ ସୁଜିତ ସାହୁ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଗ ଗେଟ୍ ଚକାଚକ୍, ପଛ ପଟେ ବାଉଁଶ ବାଡ଼

### ବିଦ୍ୟାଳୟକୁ ଶିକ୍ଷା ବିଭାଗର ଅଣଦେଖା

ପଞ୍ଚୁପାଣ୍ଡବ,୧୦।୧୨(ସମିସ): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ନୋଡାଲ ଶିକ୍ଷା ନିକେତନ, ଛୋଟି ବିଦ୍ୟାଳୟରେ ଆଗଗେଟ୍ ଚକାଚକ୍ ଥିବାବେଳେ ରାସ୍ତା କଡ଼ରେ ଥିବା ପାଚେରୀରେ ବାଉଁଶ ବନ୍ଧା ଯାଇଛି। ଏହି ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଆଗ ଗେଟ୍ ଚକାଚକ୍ କରାଯାଇଛି। କିନ୍ତୁ ଚାରିପଟ ପାଚେରି ଭିତରେ କିଛି ଜାଗାରେ ବାଉଁଶ ବନ୍ଧା ଯାଇଥିବା ଦେଖିବାକୁ ମିଳୁଛି। ଭଙ୍ଗା ପାଚେରି ଦେଇ ଗୋରୁ ଗାଈ ଭିତରେ ପଶୁଥିବା ବେଳେ ମଦୁଆ ମାନଙ୍କ ଆଡ୍‌ଡା ଜମୁଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ ଭିତରେ ବିଭିନ୍ନ ପ୍ରକାରର ଫୁଲଗଛ ସହ ଅନ୍ୟାନ୍ୟ ଗଛ ରହିଛି। ଭଙ୍ଗା ପାଚେରିକୁ ମରାମତି କରିବା ବଦଳରେ ବାଉଁଶ ତାଟିରେ ପାଚେରି ରହିଛି। ବିଦ୍ୟାଳୟର ଶିକ୍ଷକଙ୍କ ଖାମଖିଆଲି ନୀତି ଯୋଗୁ ବିଦ୍ୟାଳୟର ସୁରକ୍ଷାକୁନେଇଅଞ୍ଚଳବାସୀନିନ୍ଦାକରିବାସହଯେତେଶିଘ୍ରବିଦ୍ୟାଳୟର ପାଚେରିକୁ ମରାମତି କରିବା ପାଇଁ ପ୍ରଶାସନଙ୍କୁ ଦାବି କରିଛନ୍ତି।

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଡେରାବିଶ, ୧୦।୧୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଯତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ଆଜି ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ଓ ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କର ପ୍ରଶଂସା କରିବା ସହିତ ସେମାନେ ଦେଶର ଭବିଷ୍ୟତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଳିକ, ଲକ୍ଷ୍ମୀନାରାୟଣପୁର ସମିତି ସଭ୍ୟ ଫନିନ୍ଦ୍ର କୁମାର ବେହେରା, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ, ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥି ଓ ବାଲୁଙ୍କେଶ୍ୱର ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରୋଜାଲିନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପ୍ରଶାନ୍ତ ସାମନ୍ତରାୟ, ସନ୍ତୋଷ ମଳିକ ଓ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଲୁଙ୍କେଶ୍ୱର ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ଦ୍ୱାରା




ବିଜ୍ଞାନ ଭିତିକ ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୬ ଟି ପଂଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ୧୨୩ଟି ବିଜ୍ଞାନ ଷ୍ଟଲ ପ୍ରଦର୍ଶିତ କରିଥିଲେ। ପରେ ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବିଶିଷ୍ଟ ଅତିଥିଭାବେ କେନ୍ଦ୍ରାପଡ଼ର ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ଡକ୍ଟର ପ୍ରଭାତ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଡେରାବିଶ ବିଡ଼ିଓ ନମିତା ବାରିକ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ଏବିଇଓ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ, ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ ଓ ଦୀପକ କୁମାର ସାହୁ ଯୋଗଦେଇ ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକୁ ପ୍ରଦର୍ଶିତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଇଶ୍ୱର ଚନ୍ଦ୍ର ପୃଷ୍ଟି ମଞ୍ଚ ସଂଯୋଜନା କରିଥିବା ବେଳେ ନୋଡାଲ ସିଆରସିସି ରମେଶ ପତି ଅତିଥି ପରିଚୟ ପ୍ରଦାନ ଓ ସିଆରସିସି ଅୟଶ କାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଲଲାଟ କିଶୋର ଭୂୟାଁ, ଶିକ୍ଷୟିତ୍ରୀ ମୌସୁମି ନାୟକ, ସିଆରସିସି ପ୍ରମୋଦ ମଲ୍ଲ, ବିଶ୍ୱଜିତ ମୁଦୁଲି, ପ୍ରଦିପ୍ତ ମଲ୍ଲ, କନକଲତା ପୃଷ୍ଟି, ମାମୁନି ସିଂ, ଅମିତା ବାଈ, ସୁଜାତା ରାଉତଙ୍କ ସମେତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିମାନେ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

ପଟ୍ଟାମୁଣ୍ଡାଇ,୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ମେଡିକାଲ କଲେଜ ପଟ୍ଟାମୁଣ୍ଡାଇ ଠାରେ ସ୍ଥାପନ କରାଯିବାକୁ ଦାବି ଉଠିଛି। ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ହୋଇଥିବା ବେଳେ ରାଜ୍ୟର ଅନ୍ୟତମ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଗଣିତ ହୋଇଆସୁଛି। ଏହା ମଧ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରପଡା, ମହାକାଳପଡ଼ା, ଆଳି, ରାଜନଗର, ରାଜକନିକା ପ୍ରଭୃତି ବ୍ଲକର କେନ୍ଦ୍ରସ୍ଥଳୀରେ ଅବସ୍ଥିତ। ପଟ୍ଟାମୁଣ୍ଡାଇରେ ପର୍ଯ୍ୟାପ୍ତ ଭାବେ ସରକାରୀ ଜାଗା ରହିଛି। ପଟ୍ଟାମୁଣ୍ଡାଇକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ସଡ଼କ ପଥରେ ଯାତାୟାତ ପାଇଁ କଟକ-ଚାନ୍ଦବାଲି ରାସ୍ତା ସଂଯୋଗ କରୁଥିବା ବେଳେ ବିଭିନ୍ନ ବ୍ଲକ ସହିତ ବିଭାଗୀୟ ସଂଯୋଗୀକରଣ ରାସ୍ତା ଗୁଡିକ ରହିଛି। ପଟ୍ଟାମୁଣ୍ଡାଇ ସହର ଏକ ଭାଇଚାରାର ସହର ଓ ଶାନ୍ତିପ୍ରିୟ ସ୍ଥାନ ହୋଇଥିବାରୁ ମେଡ଼ିକାଲ କଲେଜ ପ୍ରତିଷ୍ଠା ହେଲେ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପାଇଁ କୌଣସି ସମସ୍ୟା ଉପୁଜିବ ନାହିଁ। ଗତ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ସମୟରେ ସର୍ବ ପୁରାତନ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କରି ଦିଆଯିବାରୁ ସ୍ଥାନୀୟ ଅଧିବାସୀଙ୍କ ମନରେ ଯେଉଁ ଦୁଃଖ ରହିଛି ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲେ ତାହା ବହୁ ପରିମାଣରେ ପ୍ରଶମିତ ହୋଇପାରିବ। ପଟ୍ଟାମୁଣ୍ଡାଇର ମାଟିଆପାଳ ଠାରେ ୩୦ ଏକରରୁ ଅଧିକ ସରକାରୀ ଜାଗା ରହିଛି। ଏଠାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ଭିତ୍ତିଭୂମି ରହିଛି। ଏଣୁ ରାଜ୍ୟସରକାର ପଟ୍ଟାମୁଣ୍ଡାଇ ଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବାକୁ ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ଚୌଧୁରୀ, ସମାଜସେବୀ ପ୍ରତାପ ଚନ୍ଦ୍ର ପାଢୀ, ବରିଷ୍ଠ କୃଷକ ନେତା ପାରେଶ୍ୱର ବିଶ୍ୱାଳ, ଯୁବ ଦଳିତ ନେତା ଉତ୍ତମ ମଳିକ, ଦିଲୀପ ମଳିକ ପ୍ରମୁଖ ଦାବି କରିଛନ୍ତି।

## ଖାନନଗର ମହିମା ଆଶ୍ରମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

ଡେରାବିଶ, ୧୦।୧୨(ସମିସ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ସ୍ଥିତ ଖାନନଗର ଅଲେଖ ମହିମା ଆଶ୍ରମକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେବାକୁ ଆଶ୍ରମର ବ୍ରହ୍ମଅବଧୂତ କିଶୋର ଚନ୍ଦ୍ର ବାବା ଏକ ପ୍ରେସମିଟ୍ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବାବାଙ୍କ କହିବା ଅନୁଯାୟୀ ଏହି ଆଶ୍ରମଟି ଓଡ଼ିଶାର ଦ୍ୱିତୀୟ ଜୋରନ୍ଦା ଧାମ ଭାବେ ରାଜ୍ୟରେ ସୁପରିଚିତ। ୫ ଏକର ପରିମିତ ଏହି ଆଶ୍ରମଟିକୁ ୧୯୦୭ ମସିହାରେ ବ୍ରହ୍ମଅବଧୂତ ମନୋହର ବାବା ପ୍ରତିଷ୍ଠା କରି ଏହି ଅଞ୍ଚଳରେ ମହିମା ଧର୍ମର ପ୍ରଚାର ପ୍ରସାର କରିଥିଲେ। ଏହି ଆଶ୍ରମ ଅଧୀନରେ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର ଇତ୍ୟାଦି ଜିଲ୍ଲାରେ ହଜାର ହଜାର ମହିମା ଟୁଙ୍ଗି ରହିଥିବା ବେଳେ ଲକ୍ଷ ଲକ୍ଷ ଭକ୍ତ ବର୍ଷ ତମାମ ଆଶ୍ରମ ପରିସରରେ ଅନୁଷ୍ଠିତ ବିଭିନ୍ନ ପର୍ବପର୍ବାଣୀରେ ଯୋଗ ଦେଇଥାନ୍ତି। ୧୯୪୨ ମସିହାରେ ମନୋହର ବାବାଙ୍କ ଘଟାନ୍ତର ହେବା ପରେ ତାଙ୍କ ଶିଷ୍ୟ ବ୍ରହ୍ମଅବଧୂତ ତାରକ ଚନ୍ଦ୍ର ବାବାଙ୍କ କାନ୍ଧରେ ଏହି ଆଶ୍ରମର ଗୁରୁ ଦାୟିତ୍ୱ ପଡ଼ିଥିଲା। ତେବେ ତାରକ ବାବାଙ୍କ ଉଦ୍ୟମରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ମହିମା ଧର୍ମ ପ୍ରତି ଆକୃଷ୍ଟ ହୋଇ ଏହି ଧର୍ମକୁ ଆପଣାଇଥିଲେ। ତାରକବାବାଙ୍କ ଉଦ୍ୟମରେ ଆଶ୍ରମ ପରିସରରେ ଅଖଣ୍ଡଧୂନୀ ମନ୍ଦିର ନିର୍ମାଣ, ଶୂନ୍ୟମନ୍ଦିର ନିର୍ମାଣ ସହିତ ଅନ୍ୟାନ୍ୟ ବହୁବିଧ ଉନ୍ନତି କରଣ କାର୍ଯ୍ୟ କରାଯାଇଥିଲା। ପ୍ରତିବର୍ଷ ଫାଲଗୁନ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଦଶମୀ ଯାଏ ଆଶ୍ରମ ପରିସରରେ ମହିମା ମେଳା ଅନୁଷ୍ଠିତ ହେବା ସହ ଅଖଣ୍ଡ ଝାଡ଼ ପ୍ରଜ୍ୱଳନ କରାଯାଏ। ଏଥିରେ ରାଜ୍ୟର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏଥିସହିତ ପ୍ରତ୍ୟେକ ଚତୁର୍ଦ୍ଦଶୀ ତିଥିରେ ମଧ ଆଶ୍ରମ ପରିସରରେ ମହିମା ମେଳା ଅନୁଷ୍ଠିତ ହୋଇଥାଏ। ବର୍ଷ ସାରା ଏଠାରେ ଭକ୍ତମାନଙ୍କ ଭିଡ଼ ଲାଗିରହିଥାଏ। ଅଲେଖ ମହିମାଙ୍କ କୃପାରୁ ଏଠାରେ ମାନସିକ ପୁରଣ ହୋଇଥିବା ଭକ୍ତ ଓ ମାନସିକ କରିବା ପାଇଁ ଭକ୍ତମାନେ ଏଠାକୁ ଆସିଥାନ୍ତି। ବ୍ରହ୍ମ ଅବଧୂତ ତାରକବାବାଙ୍କ ଘଟ ଅବସାନ ପରେ ତାଙ୍କ ଦ୍ୱାରା ଅର୍ଦ୍ଧନିର୍ମିତ ଥିବା ଯାତ୍ରିନିବାସ, ବର୍ତ୍ତମାନ ଭକ୍ତମାନଙ୍କ ସହାୟତାରେ ଏବେ ନିର୍ମାଣ ଚାଲିଛି। ଏହାଛଡ଼ା ମହିମା ଧର୍ମର ଅନେକ ପୁସ୍ତକ ଗଚ୍ଛିତ ରହିଛି। ଯାହାକି ଗବେଷକମାନଙ୍କ ପାଇଁ ଏହା ସହାୟକ ହେବ। ଏହି ଚଳଚଞ୍ଚଳ ଆଶ୍ରମଟିକୁ ପର୍ଯ୍ୟଟନ ମାନ୍ୟତା ଦେଇ ସରକାର ଏହି ସ୍ଥଳର ଅଧିକ ଉନ୍ନତି କରିପାରିବେ। ଏହାଦ୍ୱାରା ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ହେବ ବୋଲି କିଶୋର ଚନ୍ଦ୍ର ବାବା କହିଥିଲେ। ଏହି ପ୍ରେସ୍ ମିଟରେ ତାଙ୍କ ସହିତ ସାଧୁ ସଚିଦାନନ୍ଦ ଦାସ, ସାଧୁ ଅନାଦି ଦାସ, ସାଧୁ ତରଣୀ ଦାସ, ସାଧୁ ଦିବାକର ଦାସ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ଭକ୍ତ ଅତ୍ରାହି ଭଞ୍ଜନ ପଟ୍ଟନାୟକ, ଭଞ୍ଜନ କୁମାର ମହାନ୍ତି, କୃପାସିନ୍ଧୁ ପ୍ରଧାନ, ସତ୍ୟବ୍ରତ ପରିଡ଼ା, ଅଜୟ କୁମାର ନାୟକ, ସୌଭାଗ୍ୟ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ମହିମାଧର୍ମାବଲମ୍ବୀ ଉପସ୍ଥିତ ରହିଥିଲେ।

## କୋଟିଏ ଟଙ୍କା ହଡ଼ପ ଘଟଣାର ତଦନ୍ତ ହେଉନି

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ଫୁଁ




କୁଜଙ୍ଗ,୧୦।୧୨(ସମିସ): ପାରାଦୀପ ପୋର୍ଟ ହୋଲସେଲ କୋ-ଅପରେଟିଭି ଷ୍ଟୋରେଜ ଲିମିଟେଡରେ ପ୍ରାୟ କୋଟିଏ ଟଙ୍କାର ଦୁନୀତି ହୋଇଥିବା ଅଭିଯୋଗର ତଦନ୍ତ ସମବାୟ ବିଭାଗ କରୁନଥିବା ଅଭିଯୋଗ ହୋଇଛି। ବିଭାଗର ରେଜିଷ୍ଟ୍ରାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଓ ହାଇକୋର୍ଟ ମଧ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ବିଭାଗର ଜିଲ୍ଲା ମୁଖ୍ୟ ଏଆରସିଏସ ଏହି ନିର୍ଦ୍ଦେଶକୁ ମାନୁ ନ ଥିବା ଜଣାପଡିଛି । ଘଟଣାକୁ ନେଇ ପାରାଦୀପ ପୋର୍ଟ ହୋଲସେଲ୍ କୋ- ଅପରେଟିଭ୍ ଷ୍ଟୋରେଜ ଲିମିଟେଡ୍ ସଭାପତି ଡ. ରଘୁନାଥ ସାହୁ , ଉପସଭାପତି କମଳା କୁମାରୀ ଦାସ ,ସମିତି ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ସୁଶାନ୍ତ ଚରଣ ସାହୁ ,ବିଭୁ ରଞ୍ଜନ ସାମନ୍ତରାୟ ,ସୁଧାକର




ସେଠୀ, କେଶବ ଦଳେଇ ଓ ସାରଦା ପ୍ରସନ୍ନ ସାହୁ ପ୍ରମୁଖ ସୋମବାର କୁଜଙ୍ଗଠାରେ ଅନୁଷ୍ଠିତ ଜିଲ୍ଲା ପ୍ରଶାସନ ଜଣାଶୁଣାଣିରେ ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାରେ ଜିଲ୍ଲା ପ୍ରଶାସନ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଜଣାଶୁଣାଣିରେ ଉପସ୍ଥିତ ଥିବା ସମବାୟ ବିଭାଗ ଜିଲ୍ଲା ମୁଖ୍ୟଙ୍କୁ ତାଗିଦ କରିବା ସହିତ ଆସନ୍ତା ସାତ ଦିନ ମଧ୍ୟରେ ଘଟଣାର ପୁରା ବିବରଣୀ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ ,ପାରାଦୀପ ପୋର୍ଟ ହୋଲସେଲ କୋ-ଅପରେଟିଭ୍ ଷ୍ଟୋରେଜ ଲିମିଟେଡ଼ର ନୂତନ ପରିଚାଳନା ସମିତି ନିର୍ବାଚନ ପରେ ଦୁର୍ନୀତି ଧରାପଡ଼ିଥିଲା। ଏମିତିକି ୨୦୧୮ ମସିହା ପରଠାରୁ ସମିତିର ତଦନ୍ତ ଜାଣିଶୁଣି କରାଯାଇ ନଥିଲା। ସମିତିର ସଭାପତି ଶ୍ରୀ ସାହୁ ଅଧିବେଶନ ନିଷ୍ପତ୍ତି ନେଇ ସମବାୟ ବିଭାଗର ସର୍ବୋଚ୍ଚ ସ୍ତରରେ ତତ୍କାଳୀନ ସମ୍ପାଦକ ରଂଜିତ ସାହୁ ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହେଲେ କେହି ନ ଶୁଣିବାରୁ ପରିଚାଳନା ସମିତି ହାଇକୋର୍ଟ କେଶ ନମ୍ବର ଡବ୍ଲୁ ପି ସି ୩୯୦୦୫/୨୩ମୋକଦମା ଦାୟର କରିଥିଲେ। ହାଇକୋର୍ଟ ଉକ୍ତ କେଶର ଶୁଣାଣି କରି ସମବାୟ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଅଧିକାରୀ ଜଗତ୍‌ସିଂହପୁର ସମବାୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇ ଏକ ତଦନ୍ତ କମିଟି ଗଠନ କରି ସମବାୟ ବିଭାଗ ସର୍ବୋଚ୍ଚ ସମବାୟ ଆକ୍ଟ ୬୫ରେ ତିନି ମାସ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବାକୁ ଗଠିତ ତଦନ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ବିଭାଗ ଦ୍ୱାରା ଗଠିତ ତଦନ୍ତ କମିଟି ତିନି ମାସରେ ତଦନ୍ତ କରିବା ତ ଦୂରର କଥା ଏବେ ସାତ ମାସ ବିତି ଯାଇଥିଲେ ସୁଦ୍ଧା ତଦନ୍ତ ପ୍ରକ୍ରିୟା ଶେଷ କରି ନଥିବାରୁ ପରିଚାଳନା ସମିତି ଆଜି କୁଜଙ୍ଗଠାରେ ଅନୁଷ୍ଠିତ ଜିଲ୍ଲା ଜନଶୁଣାଣିରେ ଅଭିଯୋଗ କରିଥିଲେ। ତେବେ ନିଶ୍ଚୟ ଦୁର୍ନୀତିର ତଦନ୍ତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି। ଜନଶୁଣାଣିରେ ଏହି ସମ୍ପର୍କରେ ପରିଚାଳନା ସମିତି ପକ୍ଷରୁ ଖବରଦାତାଙ୍କୁ ସୂଚନା ପ୍ରଦାନ କରାଯାଇଥିଲା।

## ଜିଲ୍ଲାରେ ଫେଲ୍‌ମାରିଛି ଖବରୀ ବ୍ୟବସ୍ଥା

# ଅଧାରୁ ଅଧିକ ଗ୍ରାମରକ୍ଷୀ ପଦବୀ ଖାଲି

ଜଗତସିଂହପୁର,୧୦।୧୨(ସମିସ): ଜିଲ୍ଲାର ଦୁଇଗୋଟି ସହର ସମେତ ଗ୍ରାମାଞ୍ଚଳରେ ଅପରାଧ ସଂଖ୍ୟା ବଢିବାରେ ଲାଗିଛି । ଅପରାଧୀମାନଙ୍କ ଦ୍ୱାରା ସଂଗଠିତ ଅପରାଧ ପୁଲିସ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ଅପରାଧ ପୂର୍ବରୁ ପୁଲିସକୁ ଅପରାଧୀ ଓ ସେମାନଙ୍କ ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଖବରୀ ବ୍ୟବସ୍ଥା ଓ ଗ୍ରାମରକ୍ଷୀଙ୍କ ଠାରୁ ସୂଚନା ମିଳୁଥିଲା । ଏବେ ଏହି ବ୍ୟବସ୍ଥା ବିଫଳ ହେବାକୁ ବସିଛି । ଜିଲ୍ଲାର ଅଧାରୁ ଅଧିକ ଗ୍ରାମରେ ଗ୍ରାମରକ୍ଷୀ ପଦବୀ ଖାଲି ପଡିଥିବା ସମୟରେ ଏହି ପଦବୀରେ ଆଉ ନିଯୁକ୍ତି ମିଳୁନାହିଁ । ସେହିପରି ପୁଲିସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଖବରୀ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବାବେଳେ ଏଥିପାଇଁ କୌଣସି ଅନୁଦାନ ନଥିବାରୁ ଏହି ବ୍ୟବସ୍ଥା ମଧ୍ୟ ବନ୍ଦ ହେବାକୁ ବସିଛି । ଅପରାଧ ଓ ଅପରାଧୀ ଦମନର ମୁଖ୍ୟ ମାଧ୍ୟମ ଖବରୀ ବ୍ୟବସ୍ଥା ଫେଲ୍ ମାରିଥିବା ବେଳେ ଖବରୀ ଆଉ ଆଗପରି ପୁଲିସକୁ ଖବର ଦେଉନଥିବାରୁ ପୁଲିସର ତଦନ୍ତରେ ବାଧା ସୃଷ୍ଟି ହେଉଛି । ଏପରିକି ଅପରାଧୀମାନେ ଅପରାଧ ଘଟାଇ ବହୁ ସମୟରେ ଫେରାର ହେବାକୁ ସକ୍ଷମ ହେଉଥିବା ଜଣାଡିଛି ।

ଅପରାଧ ରୋକିବାରେ ଜିଲ୍ଲାର ପ୍ରତିଗ୍ରାମରେ ଗ୍ରାମରକ୍ଷୀ ନିଯୁକ୍ତି ବ୍ୟବସ୍ଥା ବହୁ ବର୍ଷ ତଳୁ ଆରମ୍ଭ ହୋଇଥିଲା । ଏହି ଗ୍ରାମରକ୍ଷୀମାନେ ଅତି ସ୍ୱଳ୍ପ ବେତନରେ କାମ କରିବା ସହିତ ପୁଲିସକୁ ସେମାନଙ୍କ ଅଞ୍ଚଳରେ ଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କ ସମ୍ପର୍କରେ ସୂଚନା ନିୟମିତ ଦେଇଆସୁଥିଲେ । ସେହିପରି ଫେରାର ଅପରାଧୀମାନଙ୍କ ସମ୍ପର୍କରେ ମଧ୍ୟ ନିଯୁକ୍ତ ଥାନାକୁ ତଥ୍ୟ ଦେଇ ଆସୁଥିଲେ । ଅନ୍ୟପକ୍ଷରେ ଭୋଟଗ୍ରହଣ ସମେତ କେତେକ ଜାତୀୟ କାର୍ଯ୍ୟକ୍ରମରେ ମଧ୍ୟ ସେମାନେ ସଫଳତାର ସହିତ କାର୍ଯ୍ୟ କରୁଥିଲେ । ତେବେ ମାତ୍ର ୧୮ ଶହ ଟଙ୍କା ମାସିକ ପାରିଶ୍ରମିକରେ ଏହି ଗ୍ରାମରକ୍ଷୀମାନେ ପୁଲିସ ବିଭାଗ ପାଇଁ ସଫଳତାର ସହିତ କାମ କରିଆସୁଥିଲେ । ଆଜିର ମହଙ୍ଗା ଯୁଗରେ ସେମାନଙ୍କ ଦରମା ବୃଦ୍ଧି କିମ୍ବା ହୋମଗାର୍ଡଙ୍କୁ ପଦୋନ୍ନତି ନେଇ ବହୁ ସମୟରେ ଦାବି ହେଉଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିନଥିଲା । ଏପରିକି ନିଜ ଚାକିରୀ କାଳର ଶେଷ ସମୟରେ ଏତିକି ଦରମାରେ ଏବେ ପ୍ରାୟ ୬୦ ପ୍ରତିଶତ କର୍ମଚାରୀ ଅବସର ନେଇଥିବା ଜଣାପଡିଛି । ଅବସର ପରେ ସେମାନଙ୍କୁ ବିଶେଷ କିଛି ଅବସର ଜନିତ ଲାଭ ମିଳିନଥିବା ବେଳେ ସେମାନଙ୍କ ସ୍ଥାନରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ କେତେକ ଗ୍ରାମରକ୍ଷୀ ଚାହୁଁଥିଲେ ମଧ୍ୟ ଏଥିପ୍ରତି ପୁଲିସ ବିଭାଗ କର୍ଣ୍ଣପାତ କରୁନଥିବା ଜଣାପଡିଛି । ସେହିପରି ଏହି ପଦବୀରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇ ପୂରଣ କରାନଯିବାରୁ ଏହି ପଦବୀ ଗୁଡିକ ଦୀର୍ଘ ଦିନଧରି ଖାଲି ରହିଥିବା ଜଣାପଡିଛି । ଯାହା ଫଳରେ ବହୁ ଅପରାଧିକ ତଦନ୍ତରେ ବ୍ୟଘାତ ସୃଷ୍ଟି ହେବା ସହିତ ପୁଲିସ ଅପରାଧିଙ୍କ ସଂପର୍କରେ ସୁରାକ ପାଇନପାରି ଅନ୍ଧାରରେ ବାଡି ବୁଲାଉଥିବା ଅଭିଯୋଗ ହେଉଛି ।

### ଅପରାଧିକ ସୂଚନା ଓ ତଦନ୍ତରେ ପୁଲିସର ଚିନ୍ତା ବଢୁଛି



ଜିଲ୍ଲାପୁଲିସ ବିଭାଗ ପକ୍ଷରୁ ଗ୍ୟାଙ୍ଗଷ୍ଟର ମାନଙ୍କୁ ଜେଲର ଚାରିକାନ୍ଥ ଭିତରେ ରଖିବା ପରେ ଗ୍ୟାଙ୍ଗୱାର କିଛିଟା କମିଥିଲେ ମଧ୍ୟ ନୂଆ ଅପରାଧିକ ଗୋଷ୍ଠି ସକ୍ରିୟ ରହିବା ସହିତ ପୁଲିସପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି । ଲୁଟପାଟ , ଛିନ୍‌ତାଇ , ଡକାୟତି. ସିରିଜ ଚୋରି ଓ ନିଶା କାରବାର ଏମାନଙ୍କର ପ୍ରମୁଖ ପେସା ପାଲଟିଛି । କେତେକ କ୍ଷେତ୍ରରେ ଦିନ ଦ୍ୱି ପ୍ରହରେ ଏହି ଅପରାଧୀମାନେ ସଂଗୀନ ଅପରାଧ ଘଟାଇ ଆତଙ୍କ ଖେଳାଇଥିବା ଜଣାପଡିଛି । ଜଗତସିଂହପୁର ଜିଲ୍ଲାର ପ୍ରତି ସାହିବସ୍ତି ଓ ଗାଁକୁ ବ୍ରାଉନ ସୁଗର କାରବାର ବ୍ୟାପିବା ସହିତ ଏହାର ଚୋରାଚଲାଣ ଜାରି ରହିଛି । ଜିଲ୍ଲାରେ ନିସା ବେପାରୀଙ୍କ ନେଟୱାର୍କ ସକ୍ରିୟ ରହିଥିବା ସମୟରେ ପୁଲିସ କିମ୍ବା ଅବକାରୀ ବିଭାଗ ଛୋଟ ଛୋଟ ବେପାରୀଙ୍କୁ ଧରୁଥିଲେ ମଧ୍ୟ ଏହି ଅପରାଧର ମୂଳ ଉତ୍ସ ନିକଟରେ ପହଁଚିବାକୁ ବିଫଳ ହୋଇଥିବା ସୂଚନା ମିଳିଛି । ଖବରୀ ବ୍ୟବସ୍ଥାର ବିଫଳତା କାରଣରୁ ନିସା ଚଲାଣ ଓ ବେପାରକୁ ସହଜରେ ପ୍ରଭାବଶାଳୀ ଢଙ୍ଗରେ ଦମନ କରାଯାଇ ପାରୁନଥିବା ସୂଚନା ମିଳିଛି । ସେହିପରି ବେଆଇନ ବାଲି ଚାଲାଣ, ଚୋରା ଖଣିଜ ତେଲ ଚାଲାଣ, ବେଆଇନ ଗୋଚାଲାଣ, ଚୋରୀ ଓ ରାହାଜାନି ବଢିଥିବା ଘଟଣାରେ ଖବରୀ ବ୍ୟବସ୍ଥାର ବିଫଳତାକୁ ଦାୟୀ କରାଯାଉଛି ।

ଅପରାଧ ରୋକିବାରେ ଖବରୀ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅପରାଧ ଘଟିବା ପୂର୍ବରୁ ଖବରୀଙ୍କ ସୂଚନା ଅନୁସାରେ ପୁଲିସ ଏହାକୁ ରୋକିବା ସହିତ ଅପରାଧୀଙ୍କୁ ଗିରଫ କରିଥାଏ । ଏଥିପାଇଁ ପ୍ରତି ଥାନା ୱାରୀ ନିଜସ୍ୱ ଖବରୀ ବ୍ୟବସା ଥରହିଥାଏ । ଅଂଚଳର କୌଣସି ସାଧାରଣ ଲୋକଙ୍କୁ ଖବର ସଂଗ୍ରହ କାମରେ ଲଗାଯାଇଥାଏ । ବିଭିନ୍ନ ଥାନା ଅଂଚଳରେ ସନ୍ଦିଗ୍ଧ ଗତିବିଧି ଉପରେ ଏମାନେ ନଜର ରଖିବା ସହିତ ପୁଲିସକୁ ଆଗୁଆ ସୂଚନା ଦେଇଥାନ୍ତି । ନିଜର ପରିଚୟ ଗୋପନ ରଖି ଏମାନେ ସବୁବେଳେ ପୁଲିସ ପାଇଁ ଗୁଇନ୍ଦାଗିରି କରିଥାନ୍ତି । ତେବେ ଏଥିପାଇଁ ସେମାନଙ୍କୁ ସଂପୃକ୍ତ ଥାନା ଅଧିକାରୀ ଗସ୍ତ ଖର୍ଚ୍ଚ ସହିତ ଅର୍ଥିକ ପୁରସ୍କାର ଦେଇଥାନ୍ତି । ତେବେ ଏବାବଦରେ କୌଣସି ସରକାରୀ ପାଣ୍ଠି ନଥିବାରୁ ଏହି ଧରଣର ଖବରୀ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇଯାଇଥିବା ସୂଚନା ମିଳିଛି ।

## ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଚଢ଼ଉ

କୁଜଙ୍ଗ,୧୦।୧୨(ସମିସ): କୁଜଙ୍ଗର କେତେକ ଅଞ୍ଚଳରେ ବିନା ଅନୁମତି ଅଥବା ପଞ୍ଜିକରଣରେ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ଆଜି ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୁଜଙ୍ଗର କେତକ ଲବ୍ରୋଟରୀ ଓ କ୍ଲିନିକ୍ ସହ ମଲହୁଙ୍କା ଆଦି ଅଞ୍ଚଳରେ ଚଢ଼ଉ କରି ସରକାରୀ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବାକୁ ତାଗିଦ କରିବା ସହ ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ହେବାକୁ ଚେତାବନୀ ଦେଇଛନ୍ତି ।

## ରାମଚଣ୍ଡୀ ଜମି ଜବରଦଖଲକାରୀଙ୍କୁ ହେବ ନୋଟିସ୍

ମହାକାଳପଡ଼ା,୧୦।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ଶକ୍ତିପୀଠ ଦାରିଆପାରୀ ମା ରାମଚଣ୍ଡୀଙ୍କ ଜମି ଜବରଦଖଲ ହୋଇ ପ୍ଲଟିଂ କରି ବିକ୍ରି ହେବା ଏବଂ ବେଆଇନ ଭାବେ ଘରଡିଆରି ହେବା ଘଟଣାକୁ ପ୍ରଶାସନ ଗୁରୁତ୍ୱ ଦେଇଛି । ମଙ୍ଗଳବାର ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲିକ ରାମଚଣ୍ଡୀ ପୀଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆକ୍ସନ ମୁଡ୍‌କୁ ଆସିଥିବା ଦେଖିବାକୁ ମିଳିଛି । ଅନୁଧ୍ୟାନ ସମୟରେ ମା ରାମଚଣ୍ଡୀ ଆଞ୍ଚଳିକ ସେନାର ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ । ରାମଚଣ୍ଡୀଙ୍କ ଜମିରେ ଦଖଲ କରି ଘର କରିଥିବା ବ୍ୟକ୍ତିମାନଙ୍କୁ ନୋଟିସ କରିବା ପାଇଁ ପେଟଛେଲା ରାଜସ୍ୱ ସର୍କଲ ନିରୀକ୍ଷକ ଫାରସ ନାଏକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାମଚଣ୍ଡୀଙ୍କ ଜମି ଜବରଦଖଲ ସମ୍ପର୍କରେ ମା ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ସୂଚନା ଦିଆଯିବା ସହିତ ଜବରଦଖଲକାରୀଙ୍କ ପାଖରୁ ଜମି ଉଦ୍ଧାର କରିବାକୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦୈନିକ ଖବରକାଗଜ 'ସକାଳ' ଏ ନେଇ ଖବର ପ୍ରକାଶ ପାଇଥିଲା ।

ସୁନା ଝିଅ 'ଲକ୍ଷ୍ମୀ'ରଖିଲେ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ସମ୍ମାନ

## ଜାତୀୟ ସ୍ତରରେ ବେସ୍ ବଲ୍ ଖେଳିବାକୁ ମନୋନୀତ



ପଟ୍ଟାମୁଣ୍ଡାଇ,୧୦।୧୨(ସମିସ): ପଟ୍ଟାମୁଣ୍ଡାଇର ସୁନା ଝିଅ ତଥା ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀ ବିହାନୀ ପାଇଁ ପଟ୍ଟାମୁଣ୍ଡାଇ ଗର୍ବିତ । ଜାତୀୟସ୍ତରରେ ବେସ ବଲ ଖେଳିବାକୁ ମନୋନୀତ ହୋଇ ଲକ୍ଷ୍ମୀ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ସମ୍ମାନ ରଖିଛନ୍ତି । ବିଦ୍ୟାଳୟରେ ପାଠପଢା ସାଙ୍ଗକୁ ଖେଳକୁଦରେ ଖୁବ ଆଗ୍ରହ ରଖିଥିବା ଲକ୍ଷ୍ମୀ ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କମାଣ୍ଡର ସାଙ୍ଗକୁ ବିଭିନ୍ନ ଖେଳରେ ସମସ୍ତଙ୍କ ଆଗରେ ରହିଥାଏ । ଚଳିତ ବର୍ଷ ଜାତୀୟ ସ୍ତରର ବେସ୍ ବଲ୍ ଖେଳିବାକୁ ଲକ୍ଷ୍ମୀ ମନୋନୀତ ହୋଇଥିବା ବେଳେ ସେ ୧୭ ବର୍ଷରୁ କମ ବୟସର ବାଳିକା ବିଭାଗରୁ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ତରଫରୁ ଆସନ୍ତା ୧୧ ଡିସେମ୍ବରରୁ ୧୫ ଦିନ ପାଇଁ ଦିଲ୍ଲୀ ଯାଇ ଜାତୀୟ ସ୍ତରରେ ବେସ୍ ବଲ୍ ଖେଳିବେ । ଏହି ଖବର ପାଇବା ପରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତଥା ଲକ୍ଷ୍ମୀଙ୍କର ବ୍ୟକ୍ତିଗତ କୋଚ୍ ଶଶାଙ୍କ ଶେଖର ସାହୁ ଖୁବ ଖୁସି ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ, ଏନସି ସି ଶିକ୍ଷକ ସରୋଜ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ, ତାପସ କୁମାର ବେହେରା, ଗୋମତି ସ୍ୱାଇଁ, ଅନିତା ଧଳ, ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଶୈଳବାଳା ଆଚାର୍ଯ୍ୟ, ମାନସୀ ମହାନ୍ତି, ତପସ୍ୱିନୀ ମଲ୍ଲିକ, ଶ୍ରୀକାନ୍ତ କୁମାର ମଲ୍ଲିକ ଓ ଗାୟତ୍ରୀ ସାହୁ ପ୍ରମୁଖ ପ୍ରାର୍ଥନା ସଭାରେ ଉପସ୍ଥିତ ରହି ଲକ୍ଷ୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବିଷ୍ୟତ ଉଜ୍ଜଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ । ଲକ୍ଷ୍ମୀଙ୍କର ଏହି କୃତିତ୍ୱପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଫେବୃଆରୀରେ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

## ସ୍ମରଣିକା ପାଇଁ ଲେଖା ଆବଶ୍ୟକ

ପାରାଦୀପ, ୧୦।୧୨ (ସମିସ) : ପାରାଦୀପ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୫ ମସିହା ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ । ସେଥିପାଇଁ ପ୍ରାକ୍ତନ ଅଧ୍ୟକ୍ଷ, ଛାତ୍ରଛାତ୍ରୀ, କର୍ମଚାରୀ ଓ ବର୍ତ୍ତମାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କଠାରୁ ମହାବିଦ୍ୟାଳୟ ଅଭିଜ୍ଞତା ସମ୍ପନ୍ନ ଲେଖା ଗ୍ରହଣ କରାଯାଉଛି । ଏହି ଲେଖା ଗୁଡିକ (ଇଂରାଜୀ କିମ୍ବା ଓଡ଼ିଆ ଭାଷାରେ) ୩୧ ଡିସେମ୍ବର ୨୦୨୪ ସୁଦ୍ଧା ପ୍ରଦତ୍ତ ଇ-ମେଲ ଆଇଡି (pdpgoldenjubilee25@gmail.com) ଯୋଗେ ପଠାଇବାକୁ ଅନୁରୋଧ କରାଯାଇଛି ।

## ମାନବାଧିକାର ଦିବସ ପାଳିତ

ଜଗତସିଂହପୁର,୧୦।୧୨(ସମିସ): ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶଙ୍ଖେଶ୍ୱରପୁର ସ୍ଥିତ ଭଗିନୀ ନିବେଦିତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ମାନବାଧିକାର ଦିବସ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆଇନସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇନ ସେବା ପ୍ରାଧୀକରଣ ସଚିବ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମିଳିତ ଜାତିସଂଘର ନିଷ୍ପତ୍ତି କ୍ରମେ ୧୯୪୮ ମସିହାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୦କୁ ମାନବାଧିକାର ଦିବସ ଭାବରେ ପାଳନ କରାଯାଏ । ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନତା ଓ ସମାନତା ସହ ବଞ୍ଚିବା ପାଇଁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୌଣସି ବ୍ୟକ୍ତିକୁ ଏହି ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ । ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ କୁ ନେଇ ପାଳନ କରାଯାଏ । ଚଳିତ ବର୍ଷର ଥିମ୍ ହେଉଛି "ଆମ ଅଧିକାର, ଆମ ଭବିଷ୍ୟତ' । ଏହି ଅବସରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲି ଉଠାଣ ନେଇ ଗୋବର୍ଦ୍ଧନପୁରରେ ବଢୁଛି ଅସନ୍ତୋଷ



କୁଜଙ୍ଗ,୧୦।୧୨(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ତହସିଲ ଅଧିନରେ ଥିବା ଗୋବର୍ଦ୍ଧନପୁର ବାଲି ଘାଟ ବନ୍ଦ ପାଇଁ ଦେଇ ଗ୍ରାମର ସମସ୍ତ ଗ୍ରାମବାସୀ ଧାରଣା ଓ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ଗତବର୍ଷ ଏହି ବାଲିଚାଲାଣକୁ ଗ୍ରାମବାସୀ ବିରୋଧ କରିଥଲେ । ହେଲେ କିଛି ଫଳପ୍ରଦ ହୋଇନଥିଲା । ଫଳରେ ଚଳିତ ବର୍ଷ ପୁଣି ଦ୍ୱନ୍ଦ ଦେଖାଦେଇଥିଲା । ଗୋଟାଏ ପ୍ଲଟ ନିଲାମ ହେଲା । ହେଲେ ଅନ୍ୟ ପ୍ଲଟରୁ ବାଲି ଉଠାଣ ନେଇ ଆପତ୍ତି ଉଠାଇଛନ୍ତି ଗ୍ରାମବାସୀ । ବାଲି ଉଠାଣକୁ ନେଇ ଲୋକମାନଙ୍କୁ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ଗ୍ରାମଟି ସମ୍ପୂର୍ଣ୍ଣ ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳ । ପାଇକା ନଦୀ ଦକ୍ଷିଣ ପାଶ୍ୱର୍ ନଦୀବନ୍ଧ କୂଳରେ ଅବସ୍ଥିତ । ଲୋକମାନଙ୍କର ପ୍ରାୟ ୧୦୦ ଏକରରୁ ଅଧିକ ଜମି ନଦୀର ଭିତର ଗର୍ଭରେ ଅଛି । ୮୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରି ଜୀବିକା ନିର୍ବାହ କରି ଚଳନ୍ତି ଏହି ଅଞ୍ଚଳରେ । ଗତବର୍ଷ ବାଲି ଉଠାଣ ଯୋଗୁଁ ନଦୀରେ ଅଧିକ ଘାଇ ଗଭୀରତା ଯୋଗୁ ଅତଡା ଖାଇ କିଛି ପରିବାରର କିଛି ଲୋକଙ୍କ ଜୀବନ ଯିବା ସହ ଚାଷଜମି ନଷ୍ଟ ଭ୍ରଷ୍ଟ ହୋଇଯାଇଛି । ଏମିତି ନଦୀ ଖନନ ହେବାଦ୍ୱାରା ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀମାନେ ନିଜର ଜୀବିକା ହରାଇବା ଆଶଙ୍କା ଦେଖା ଦେଇଛି । ଲୋକ ମାନକ ପ୍ରତିବାଦ ଯୋଗୁ କୁଜଙ୍ଗ ଥାନା ଅଧକାରୀ ରଶ୍ମି ରଞ୍ଜନ ଦାଶ ଓ ଜିଲ୍ଲା ଲଘୁ ଖଣି ଆଧିକରୀ ସତୀଶ ତରାଇ ସୋମବାର ଘଟଣାର ଅନୁସନ୍ଧାନ କରିଥିବା ଜଣା ପଡ଼ିଛି । ଦୁଇ ଅଧକାରୀ ଗ୍ରାମବାସୀଙ୍କୁ ଉପଯୁକ୍ତ ପଦେକ୍ଷପ ନେଇ ପ୍ରତିଶ୍ରୁତି ଦେଇଥିବା ସୁଚନା ମିଳିଛି ।

## ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ରାଜ୍ୟ ଯୁଗ୍ମ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



କୁଜଙ୍ଗ,୧୦।୧୨(ସମିସ): ଜଗତସିଂହପୁର ଜିଲ୍ଲା ରାହାମା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଜଟାଧାରୀ ଷ୍ଟିଲର ପ୍ରତିଷ୍ଠାତା ରଞ୍ଜନ କୁମାର ପ୍ରଧାନଙ୍କ ପୁଅ ଆକାଶ କୁମାର ପ୍ରଧାନଙ୍କୁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଉଚ୍ଚ ଶିକ୍ଷିତ ଏହି ଯୁବକ ବ୍ୟବସାୟ ସହିତ ବିବିଧ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ରାହାମା ଅଞ୍ଚଳର ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ମହିଳା ସଭାପତି ସ୍ନେହମୟୀ ଆଚାର୍ଯ୍ୟ ଶ୍ରୀମାନ ଆକାଶଙ୍କୁ ଉତ୍ସାହିତ କରି ଆସୁଛନ୍ତି । ତାଙ୍କର ଏପରି ଦକ୍ଷତା ପାଇଁ ଅଖିଳ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ସାଧାରଣ ସମ୍ପାଦକ ଦେବେନ୍ଦ୍ର ତିୱାରୀ ତାଙ୍କୁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ସିସିଆଇର ଅନ୍ତର୍ଜାତୀୟ ସଭାପତି ଅନନ୍ତ ଶର୍ମା ଖୁସି ବ୍ୟକ୍ତ କରିବା ସହ, ଅଖିଳ ଭାରତ ଗ୍ରାହକ କଲ୍ୟାଣ ପରିଷଦର ମୁଖ୍ୟ ବକ୍ତା ତଥା ରାଜ୍ୟ ସମ୍ପାଦକ ଡ. ସୁନାକାର ବେହେରା, ସ୍ନେହମୟୀ ଆଚାର୍ଯ୍ୟ, ତୃପ୍ତି ଲେଙ୍କା ଶରତ କୁମାର ସାହୁ, ଡ. ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, କୁଲୁ ପରିଜା, ମହେଶ୍ୱର ଦାସ, ମିଟୁ ମଣ୍ଡଳ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଶ୍ରୀମାନ ଆକାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ପ୍ରଦାନ କରି ତାଙ୍କର ସଫଳତା କାମନା କରିଛନ୍ତି ।

■ ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ନିର୍ମାଣ କାର୍ଯ୍ୟର କଚ୍ଛପଗତି

## ଯାତାୟାତରେ ସମସ୍ୟା, ଲୋକେ ହୀନସ୍ତା

ପଟ୍ଟାମୁଣ୍ଡାଇ,୧୦।୧୨(ସମିସ): ସମ୍ପ୍ରତି ୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣଧୀନ ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି । ଗତ ୨୩.୧୨.୨୦୨୩ରେ ଏହି ରାସ୍ତାର ଶିଳାନ୍ୟାସ କରାଯିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ରାସ୍ତା ନିର୍ମାଣ ଦାୟିତ୍ୱ ଜନୈକ ଠିକାଦାରଙ୍କୁ ଦିଆଯାଇଥିଲା । ଚୁକ୍ତି ମୁତାବକ ରାସ୍ତା ନିର୍ମାଣ କାର୍ଯ୍ୟ ସଠିକ ଢଙ୍ଗରେ କରାଯାଉନଥିବା ଅଭିଯୋଗ ହୋଇଆସୁଛି । ଦୀର୍ଘ ଦିନ ହେବ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ନୂତନ ଭାବେ ରାସ୍ତା ନିର୍ମାଣ ପାଇଁ ଠିକାଦାର ସମୁଦାୟ ରାସ୍ତାଟିକୁ ଜେସିବି ଲଗାଇ ଖୋଳି ପକାଇ ଥିବା ବେଳେ ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲୁଥିବାରୁ ଯାତାୟାତ ସମୟରେ ଲୋକମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ରାସ୍ତା ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନରେଖା ହୋଇଥିବାରୁ ରାସ୍ତା ନିର୍ମାଣ ସଂପୂର୍ଣ୍ଣ ହେଲେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି । ପୂର୍ବରୁ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉନ୍ନତିକରଣରେ ସମସ୍ୟା ଦେଖାଦେବାରୁ ଅବିଳମ୍ବେ ପୂର୍ତ୍ତ ବିଭାଗକୁ ପୂର୍ବ ସରକାର ହସ୍ତାନ୍ତର କରିଥିଲେ । ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ କେଉଁ ଅଜ୍ଞତା କାରଣରୁ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି ତାହା ଜଣାପଡିନାହିଁ । ତେବେ ଖୁବ ଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନ

# ଜିଲ୍ଲାରେ କୃଷି କ୍ଷେତ୍ରରେ ହେକ୍ଟର ପ୍ରତି ୨.୫ କିଲୋୱାଟ୍ ଶକ୍ତି ବିନିଯୋଗ ହେଉଛି



ଜଗତସିଂହପୁର ,୧୦।୧୨(ସମିସ): ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜିତ ହୋଇଛ । ଆୟୋଜିତ ମେଳାର ତୃତୀୟ ଦିନର କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ମାନନୀୟ ଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସଭାପତି ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପ୍ରମୁଖ ପ୍ରଦର୍ଶନୀ ମଣ୍ଡପ ଗୁଡିକୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର୍ ରାଉଳ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତି ର ବ୍ୟବହାର ମାଧ୍ୟମରେ ଚାଷୀ ମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଚାଷୀ ମାନଙ୍କୁ ଉପଦେଶ ଦେଇଥିଲେ ।ଓଡ଼ିଶାରେ ହେକ୍ଟର ପିଛା ୩.୫ କିଲୋ ୱାଟ ଶକ୍ତି କୃଷି କ୍ଷେତ୍ରରେ ବିନିଯୋଗ ହେଉଥିଲା ବେଳେ ଜଗତସିଂହପୁର ଜିଲ୍ଲାରେ ହେକ୍ଟର ପ୍ରତି ୨.୫ କିଲୋ ୱାଟ ଶକ୍ତି ବିନିଯୋଗ ହେଉଛି, ତେଣୁ ଜିଲ୍ଲାରେ କୃଷି ଯାନ୍ତ୍ରକକରଣର ଅନେକ ସୁଯୋଗ ରହିଛି । ଚାଷୀ ଭାଇ ଓ ଭଉଣୀ ମାନେ ଅଫିକଲ ସହଯୋଗରେ କଷ୍ଟମ ହାୟରିଂ ସେଣ୍ଟର୍ ର ସୁବିଧା ନେଇ ନିଜ ଚାଷ କାମରେ ଯନ୍ତ୍ରପାତି ବ୍ୟବହାର କରିବା ସଙ୍ଗେ ସଙ୍ଗେ, ଉଡ଼ା ସୂତ୍ରରେ ଲଗାଇ ଲାଭବାନ ହୋଇ ପାରିବେ ବୋଲି ମତ ପ୍ରକାଶ କରିଥିଲେ । ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଚାଷୀ ମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର କରି ଚାଷ କଲେ ବିଭିନ୍ନ ପ୍ରକାରର ଚାଷର ଉନ୍ନତି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିଥିଲେ । ସେହିପରି ସଭାରେ ପୌରୋହିତ୍ୟ କରି ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଫାର୍ମ ଯାନ୍ତ୍ରିକିକରଣ ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ର ପ୍ରୋତ୍ସାହନ ଜରିଆରେ ଚାଷୀ ମାନଙ୍କ ଜୀବନ ଜୀବିକାର ମାନ ବୃଦ୍ଧି ଘଟିପାରିବ ବୋଲି କହିଥିଲେ ।ଏହି ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଶ୍ୱଜିତ୍ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତି ର ପ୍ରଦର୍ଶନ ଓ ବିକ୍ରୟ, ସରକାରୀ ଆର୍ଥିକ ସହାୟତା ର ସଚେତନତା, ବ୍ୟାଙ୍କ୍ ସହାୟତା କେନ୍ଦ୍ର ମାଧ୍ୟମ ରେ କୃଷି ଯନ୍ତ୍ରପାତି ପାଇଁ ଋଣ ର ସୁଯୋଗ , ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତକାଳ ବୁକିଂ ବ୍ୟବସ୍ଥା, ଅଗ୍ରଣୀ ଚାଷୀ ଙ୍କୁ ସମ୍ବର୍ଦ୍ଧନା ଓ କୃଷକ ପରିଭ୍ରମଣ, ବୈଷୟିକ ଅଧିବେଶନ ସହ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲକ୍ଷ ଏଠାରେ ସୂଚନା ଯୋଗ୍ୟ ଯେ, ଜିଲ୍ଲା ସ୍ତରୀୟ ଏହି କୃଷି ଓ କୃଷି ଯନ୍ତ୍ରପାତି ମେଳା ରେ କୃଷି ,ଉଦ୍ୟାନ କୃଷି , ମୃତ୍ତିକା ସଂରକ୍ଷଣ , ମତ୍ସ୍ୟ ,ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ ,ଓଡିଶା ମିଲେଟ ମିଶନ ,ଉଠା ଜଳସେଚନ ,ଓରମାସ ,ମିଶନ ଶକ୍ତି ,ସ୍ୱଙ୍ଗ ସହାୟକ ଗୋଷ୍ଠୀ ,ଓଡିଶା କୃଷି ଶିଳ୍ପ ନିଗମ ,କୃଷି ଯନ୍ତ୍ରପାତି ବିକ୍ରୟ କରୁଥିବା ଡିଲର ଆଦି ପକ୍ଷରୁ ମୋଟ ୬୦ ଗୋଟି ପ୍ରଦର୍ଶନୀ ଷ୍ଟଲ କରାଯାଇଛି ।

## ବଟଶ୍ରୀ ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ତିର୍ତ୍ତୋଲ, ୧୦।୧୨(ସମିସ): ବଟଶ୍ରୀ ଚାରିଟେବୁଲ ଟ୍ରଷ୍ଟ, କାଇଁଟୋଲ ପକ୍ଷରୁ ଗୋରଡ଼ ପଞ୍ଚାୟତର ଗୋରଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ବିଭୂଷିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରୁ ୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରାରମ୍ଭରେ ଶିବିରକୁ ଆଇନଜୀବୀ ମଞ୍ଜୁଲତା ରାଉତ ଓ କୈଳାସ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରିଥିଲେ । ଗୋରଡ଼ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଐଶ୍ୱର୍ଯ୍ୟା ମହାନ୍ତି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଟଶ୍ରୀର ସଭାପତି ଡ. ବସନ୍ତ ମଞ୍ଜରୀ ଦାସ, ମା ସାରଳା ଫାଉଣ୍ଡେସନର ଅଧ୍ୟକ୍ଷା ସୋନାଲି ମହାନ୍ତି, ସୁଚିନ୍ତା ଅଧ୍ୟକ୍ଷ ଶିବ ପ୍ରସାଦ ସାହୁ, ଉପଦେଷ୍ଟା ହେମନ୍ତ କୁମାର ନାୟକ, ତୃପ୍ତି ରଞ୍ଜନ ମହାନ୍ତି, ଆଇନଜୀବୀ ପ୍ରଭାତ ବେହେରା, ପୁଷ୍ପାରେଣୁ ନାୟକ, ଆଲୋକ ନାୟକ, ଗୋପବନ୍ଧୁ ସେଠୀ, ସୁକାନ୍ତ ବିଶ୍ୱାଳ, ରଶ୍ମିରଂଜନ ବିଶ୍ୱାଳ , ନିରୁପମା ସାମଲ, ସମ୍ରାଟ, ଚିରଞ୍ଜିବୀ, ସୁଷମା, ଅନୁରାଧା, ଅନୁପମା, ସୁଭଦ୍ରା, ଟୁନି, ରାଧାରାଣୀ ପ୍ରିୟଦର୍ଶନୀ ପ୍ରମୁଖ ସମସ୍ତ ସଭ୍ୟ, ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

